ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୫
୧୧ ଫେବୃଆରୀ, ୨୦୨୬ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 275
11th February, 2026 Wednesday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା
ନିର୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ । ଏହା ସେମାନଙ୍କର ସ୍ୱଭାବ ।

# ବକେୟା ଚାଲାଣ ପୈଠ ନକଲେ ମିଳିବନି ପିୟୁସିସି

**କଟକ,୧୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦୂଷଣ ପ୍ରମାଣ ପତ୍ର ପାଇବାକୁ ହେଲେ ବକେୟା ଚାଲାଣ ପୈଠ କରିବାକୁ ହେବ । ମଂଗଳବାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହିତ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ହାଇକୋର୍ଟ ଅନ୍ତ ଘଟାଇଛନ୍ତି । ସେଣ୍ଟ୍ରାଲ ମୋଟର ଭେଇକିଲ ରୁଲ ୧୬୭, ସବରୁଲ ୧୨ ଅନୁସାରେ ବକେୟା ଚାଲାଣ ଥିଲେ ପିୟୁସିସି ପାଇଁ ଆବେଦନ କରିହେବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଅବଶ୍ୟ ଗତ ୨୭ ଜାନୁଆରୀରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନଥିଲେ ପେଟ୍ରୋଲ ମିଳିବା ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା । କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି । ଯେଉଁଥିରେ ସଂଶୋଧିତ ମୋଟର ଭେଇକିଲ ରୁଲ

**ହାଇକୋର୍ଟଙ୍କ ରାୟ**




ବାବଦରେ କୋର୍ଟକୁ ଅବଗତ କରାଯାଇଛି । ଯାହା ସଂପର୍କରେ ମଂଗଳବାର ଆଡ଼ଭୋକେଟ ଜେନେରାଲ ଯୁକ୍ତି ଉପସ୍ଥାପନ କରିଥିଲେ । ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହିତ ଦାୟର ଜନସ୍ୱାର୍ଥ ମାମଲା ଉପରେ ଆଜି ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ।

ସୂଚନା ମୁତାବକ, ଗତ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ, ଗାଡ଼ି ମାଲିକଙ୍କ ପିୟୁସିସି ନଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମନା । ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନକରିବା, ଗାଡ଼ି ମାଲିକଙ୍କର ମୌଳିକ ଅଧିକାରକୁ ଉଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ପକ୍ଷରୁ କୋର୍ଟକୁ ଦର୍ଶା ଯାଇଥିଲା । ଏଥି ସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ

## ଦେବାକୁ ହେବ ୯୦ ଦିନରୁ ପୁରୁଣା ଫାଇନ୍

ଏ ନେଇ ବିଭିନ୍ନ ତୈଳ ବିକ୍ରୟକାରୀ କଂପାନୀକୁ ଲେଖା ଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା । ମୋଟରଯାନ ଆଇନ ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଥିଲା । ଗାଡ଼ିର ପିୟୁସିସି ପ୍ରମାଣପତ୍ର ନଥିବାଯାଏ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ ।

ଅନ୍ୟପକ୍ଷରେ ଏପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା । ମନ୍ତ୍ରୀ ମଙ୍ଗଳବାର ଏକ 'ଏକ୍ସ' ପୋଷ୍ଟରେ ସୂଚନା ଦେଇ କହିଛନ୍ତି, ପିୟୁସିସି ପୂର୍ବରୁ ୯୦ ଦିନରୁ ପୁରୁଣା ଚାଲାଣ ପୈଠ ବାଧ୍ୟତାମୂଳକ । ସରକାରଙ୍କ ନିଷ୍ପତ୍ତି ସଂପୂର୍ଣ୍ଣ ଆଇନସମ୍ମତ ଥିଲା ।

# ରାତି ୧୦ଟାରେ ଉଠିବ ମହାଦୀପ



**ଭୁବନେଶ୍ୱର,୧୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ୪ ଦିନ ପରେ ମହାଶିବରାତ୍ରି । ମହାପ୍ରଭୁ ଲିଙ୍ଗରାଜଙ୍କ ହେବ ଜାଗରଯାତ୍ରା । ସେଥିପାଇଁ ସେବାୟତ, ପ୍ରଶାସନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକ କରିଛନ୍ତି । ଲୋକସେବା ଭବନରେ ଶୃଙ୍ଖଳିତ ଶିବରାତ୍ରି ପାଇଁ ଲିଙ୍ଗରାଜଙ୍କ ବିଭିନ୍ନ ନିଯୋଗ ସଭାପତିଙ୍କ ଆଲୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ । ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ, ସମର୍ଥର ନିଯୋଗ, ପୂଜାପଣ୍ଡା ନିଯୋଗ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକ ପରେ ବ୍ରାହ୍ମଣ ନିଯୋଗ ସଭାପତି ଭାଗିରଥି ମହସୁଆର ସୂଚନା ଦେଇ କହିଛନ୍ତି, ଶୃଙ୍ଖଳିତ ମହା ଶିବରାତ୍ରି ପାଇ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ନିର୍ଦ୍ଧାରିତ ସମୟ ରାତି ୧୦ଟାରେ ମହାଦୀପ ଉଠିବା ନେଇ ନିଷ୍ପତ୍ତି ନିଆଯାଇଛି । ସେପଟେ ବୈଠକ ପରେ ଏକର ବିଧାୟକ ବାବୁ ସିଂ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ପାସ ସଂଖ୍ୟା କମାଯିବା ପାଇଁ ନିଷ୍ପତ୍ତି ହୋଇଛି । ବିଗତ ବର୍ଷ ୧୭୫୦ ବଣ୍ଟନ କରାଯାଇଥିବା ବେଳେ ଏ ବର୍ଷ ୧୦୦୦ରୁ ୧୨୦୦ ପାସ ବାଣ୍ଟିଯିବ ।

ଅନ୍ୟପକ୍ଷରେ ଗତ ବର୍ଷ ମହାଦୀପ ଅଘଟଣ ରୋକିବାକୁ ବଡ଼ ଯୋଜନା ହୋଇଛି । ମହା ଦୀପ ଉଠିବା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି

**ଭୁବନେଶ୍ୱର,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏନଏଚଏମରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୫ ବର୍ଷରୁ କମ ସମୟ ଅବଧି ପାଇଁ ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି । ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି । ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି । ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବ ବେଳେ, ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତର ମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିଯୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# କପି କଲେ ୫ ବର୍ଷ ଜେଲ୍: ୧୦ଲକ୍ଷ ଟଙ୍କା ଜରିମାନା

**କଟକ,୧୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାଟ୍ରିକ ଓ ଯୁକ୍ତ-୨ ପରୀକ୍ଷାରେ କପି କଲେ ୫ ବର୍ଷ ଜେଲ, ୧୦ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିପାରେ । ମାଟ୍ରିକ ଓ +୨ ପରୀକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କପି ରୋକିବାକୁ ଏଆଇ ଏବଂ କ୍ୟୁଆର କୋଡ଼ ବ୍ୟବହାର ହେବ । ସମଗ୍ର ପରୀକ୍ଷା କେନ୍ଦ୍ର ଏଆଇ କ୍ୟାମେରା ନଜରରେ ରହିବ । ପ୍ରଶ୍ନପତ୍ରରେ କ୍ୟୁଆର କୋଡ଼ ରହିବ । ଆସନ୍ତା ଫେବୃଆରୀ ୧୮ରୁ ଯୁକ୍ତ ୨ ଏବଂ ଫେବୃଆରୀ ୧୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି । ପରୀକ୍ଷାରେ ସ୍ୱଚ୍ଛତା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତି ପ୍ରଶ୍ନପତ୍ରର ପ୍ରତିଟି ପୃଷ୍ଠାରେ କ୍ୟୁଆର କୋଡ଼ ଏବଂ ୟୁନିକ ସିରିଏଲ ନଂ ରହିବ । ଯଦି କେହି ପ୍ରଶ୍ନପତ୍ରର ଫଟୋ ଉଠାଇ ଭାଇରାଲ କରେ, ତେବେ ସେ କେଉଁ ସେଣ୍ଟରର ଏବଂ କେଉଁ ପରୀକ୍ଷାର୍ଥୀଙ୍କର, ତାହା ମାତ୍ର କିଛି ମିନିଟ ମଧ୍ୟରେ ଜଣାପଡ଼ିବ । ଏଆଇ କ୍ୟାମେରା ନଜରରେ ପରୀକ୍ଷା ହବ ରହିବ । ସେଣ୍ଟର ଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସଯୁକ୍ତ ସିସିଟିଭି ଲାଗିବ । ଏହା ପରୀକ୍ଷା ହଲରେ କୌଣସି ଅସ୍ୱାଭାବିକ ଗତିବିଧିକୁ ତୁରନ୍ତ ଚିହ୍ନଟ କରିପାରିବ । ପରୀକ୍ଷା କେନ୍ଦ୍ରରେ ଲାଇଭ ୱେବକାଷ୍ଟିଙ୍ଗ ବ୍ୟବସ୍ଥା ହୋଇଛି । ରାଜ୍ୟର ୩୦୮୨ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସିଧାସଳଖ ଲାଇଭ ସିସିଟିଭି ମନିଟରିଂ କରାଯାଇ କଣ୍ଟ୍ରୋଲ ରୁମ ସହ ଯୋଡ଼ାଯିବ । ପ୍ରଶ୍ନପତ୍ର ପାଇଁ ଡିଜିଟାଲ ଲକ ସିଷ୍ଟମ ହୋଇଛି । ପ୍ରଶ୍ନପତ୍ର ପ୍ୟାକେଟରେ ମଲଟି ଲେୟାର ପାସୱାର୍ଡ଼ ଓ ଡିଜିଟାଲ ଲକ ରହିବ । ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାକୁ କେହି ଖୋଲି ପାରିବେ ନାହିଁ । ଏଥି ସହିତ ଜିପିଏସ ଟ୍ରାକିଂ ବ୍ୟବସ୍ଥା ହୋଇଛି । ପ୍ରଶ୍ନପତ୍ର ନେଇ ଯାଉଥିବା ଗାଡ଼ି ଗୁଡ଼ିକରେ ଜିପିଏସ ଲଗାଯିବ । ଯାହାଦ୍ୱାରା ରାସ୍ତାରେ ଗାଡ଼ି କେଉଁଠି ରହିଲା ତାହା ରିଏଲ ଟାଇମରେ ଜଣାପଡ଼ିବ । ନୋଡ଼ାଲ ସେଣ୍ଟରରୁ ସ୍କୁଲକୁ ପ୍ରଶ୍ନପତ୍ର ନେବା ଏବଂ ଉତ୍ତର ଖାତା ଆଣିବା ସମୟରେ ପୋଲିସ ସୁରକ୍ଷା ବାଧ୍ୟତାମୂଳକ କରାଯାଇଛି । ଏକ ତ୍ରିସ୍ତରୀୟ ଯାଂଚ ବ୍ୟବସ୍ଥା ହୋଇଛି । ପରୀକ୍ଷା ହଲ ଭିତରକୁ ଯିବା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ୨ ଥର ଯାଂଚ କରାଯିବ । ଛାତ୍ରୀଙ୍କୁ ମହିଳା କର୍ମଚାରୀ ଯାଂଚ କରିବେ । ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବ୍ୟାନ ହୋଇଛି । ପରୀକ୍ଷାର୍ଥୀଙ୍କ ସମେତ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ଏବଂ କର୍ମଚାରୀମାନେ ମଧ୍ୟ ପରୀକ୍ଷା ହଲ ଭିତରକୁ ମୋବାଇଲ ବା *(ଶେଷ ପୃଷ୍ଠା ଦେଖନ୍ତୁ)*

# ପାଞ୍ଚ ପାଞ୍ଜିକୁ ଶ୍ରୀମନ୍ଦିର ପ୍ରଶାସନର ଅନୁମୋଦନ

**ପୁରୀ,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ୨୦୨୬-୨୭ବର୍ଷ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୫ଟି ପଞ୍ଜିକାକୁ ଅନୁମୋଦନ ମିଳିଛି । ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୂଜାପଣ୍ଡା ନିଯୋଗ ସମେତ ସେବାୟତ ପ୍ରତିନିଧି ଓ ପଞ୍ଜିକା ପ୍ରକାଶନ ସଂସ୍ଥାଙ୍କ ସହ ପାଣ୍ଡୁଲିପି ଅନୁସାରେ ନିର୍ବିବାଦୀୟ ଦିନାଙ୍କ ନେଇ ସବିଶେଷ ଆଲୋଚନା କରାଯାଇଛି । ଅନୁମୋଦିତ ପାଞ୍ଜିକା ବ୍ୟତୀତ ଅନ୍ୟ ପଞ୍ଜିକା ତ୍ରୁଟିଯୁକ୍ତ ପାଞ୍ଜି ପ୍ରସ୍ତୁତ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

୨୦୨୬-୨୭ ବର୍ଷ ପାଇଁ ରାଧାରମଣ, କୋହିନୁର, ଜି ଏନ ତ୍ରିପାଠୀ, ଅରୁଣୋଦୟ ଓ ଭାଗ୍ୟଜ୍ୟୋତି ପ୍ରକାଶନକୁ ଅନୁମୋଦନ ମିଳିଛି । ଅନ୍ୟକେହି ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ଆଗାମୀ ଦିନରେ ଏହି ପଞ୍ଜିକା କିଭଳି ନିର୍ଭୁଲ ହେବ ତା ଉପରେ ଗୁରୁତ୍ୱ ଦିଆଯାଇଛି । ପଞ୍ଜିକା ଅନୁସାରେ ୧୪ ସେପ୍ଟେମ୍ବରରେ ପାଳନ ହେବ ଗଣେଶ ଚତୁର୍ଥୀ । ସେହିପରି ଶ୍ରୀମନ୍ଦିରରେ ଦେବ ଦୀପାବଳି ଓ ସାଗର ବିଜେ ନୀତି ଡିସେମ୍ବର ୮, ୯ ଓ ୧୦ ତାରିଖ ଦିନ ଅନୁଷ୍ଠିତ ହେବ ।

ବୈଠକରେ ପଞ୍ଜିକାର, ପୂଜାପଣ୍ଡା ନିଯୋଗ, ସେବାୟତ ପ୍ରତିନିଧି, ମୁକ୍ତିମଣ୍ଡପ ପଣ୍ଡିତ ସଭା କାର୍ଯ୍ୟକର୍ତ୍ତା, ଛତିଶା ନିଯୋଗ ମହାନାୟକ ଉପସ୍ଥିତ ରହି ପଞ୍ଜିକା ତ୍ରୁଟି ସୁଧାରିବା ଏବଂ ପର୍ବପର୍ବାଣି ବିଭ୍ରାଟ ରୋକିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ପାଞ୍ଜି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି ।

# ବିଦେଶୀ ମଦ ଜବତ ବେପାରୀ ଗିରଫ

**ରାଜନଗର,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଚୋରା ମଦ ଜବତ କରିବା ସହିତ ବେପାରୀକୁ ଗିରଫ କରିଛି । ଏହି ବ୍ଲକ ରଙ୍ଗଣୀ ଗ୍ରାମର ପ୍ରଦୀପ ଜେନା(୪୦) ବିଦେଶୀ ଚୋରା ମଦ ନେଇ ତାଳଚୁଆ ଡାଲଖାଇ ଛକ ନିକଟରେ ଯାଉଥିଲା । ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ନେତୃତ୍ୱରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଧାନ କିଣାରୁ ମୁନାଫା ଉଠାଇବା ଅସାଧୁଙ୍କର ଅଭ୍ୟାସ ପାଲଟିଛି

**କେନ୍ଦ୍ରାପଡ଼ା,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀଙ୍କ ଠାରୁ ଧାନ କିଣା ବିଭ୍ରାଟକୁ ନେଇ ରାଜ୍ୟରେ ଶାସକ ଓ ବିରୋଧିଙ୍କ ମଧ୍ୟରେ ବୟାନବାଜୀ ଜାରି ଥିଲାବେଳେ ଚିରାଚରିତ ଅବ୍ୟବସ୍ଥାରେ କୌଣସି ସୁଧାର ଆସିପାରୁନାହିଁ । ଶାସନ, ପ୍ରଶାସନ, ମିଲର ଓ ପ୍ୟାକ୍ସ ଗୁଡ଼ିକର ଧାନ କିଣାରୁ ମୁନାଫା ଉଠାଇବା ମୋହ ଏପରି ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ କେହି ବି ବାସ୍ତବ ପକ୍ଷେ ଏହି ମୋହ ତୁଟାଇ ପାରୁ ନାହାଁନ୍ତି । ବିଚରା ଚାଷୀମାନେ ହନ୍ତସନ୍ତ ହେବା ସାର ହେଉଛନ୍ତି ବୋଲି କେନ୍ଦ୍ରାପଡ଼ା ଜିଲ୍ଲାବ୍ୟାପୀ ଅଭିଯୋଗ ଶୁଣିବାକୁ ମିଳୁଛି । ନିର୍ଦ୍ଦିଷ୍ଟ ଭାବେ ମହାକାଳପଡ଼ା ବ୍ଲକ୍‌ର ବିଜୟନଗର, ରଢିଆ ଓ ସଭାର ସୋସାଇଟ୍ ମଣ୍ଡି ଅନ୍ତର୍ଗତ ବହୁ ଚାଷୀଙ୍କ କହିବା କଥା ହେଲା ନିର୍ଦ୍ଧାରିତ ସମୟରେ ଏହି ସୋସାଇଟ୍ ମାନଙ୍କରେ ମଣ୍ଡି ଖୋଲାଗଲା ଓ କଣ୍ଟାପୂଜା ବି ହେଲା ।

ସେହିପରି ଧାନର ମାନ ନିର୍ଦ୍ଧାରଣ ପାଇଁ ମେସିନ୍ ବି ଆସିଲା । କିନ୍ତୁ ମଣ୍ଡି ଖୋଲିବା ପରେ ମଣ୍ଡିରେ ଧାନ କିଣା ଗଲାନାହିଁ । ଟୋକନ ପାଇଥିବା ଚାଷୀଙ୍କୁ ନିଜ ନିଜର ଧାନକୁ ନେଇ ସଂପୃକ୍ତ ମିଲରଙ୍କ ଗୋଦାମରେ ପହଂଚାଇବାକୁ କୁହାଗଲା । କିଛି ବଡ଼ ବଡ଼ିଆ ଚାଷୀ କୌଣସି ଉପାୟ ନପାଇ ନିଜ ଘରେ ଜରି ବସ୍ତାରେ ରଖିଥିବା ଧାନକୁ ଟ୍ରାକ୍ଟର, ପିକ୍‌ଅପ୍, ଟାଟାଏଇସି ଆଦି ଗାଡ଼ିରେ ଭରି ମିଲରଙ୍କ ଦୂଆରେ ଭିଡ଼ ଲଗାଇବାକୁ ବାଧ୍ୟ ହେଉଛନ୍ତି । ଆଉ ସଂପୃକ୍ତ ମିଲରମାନେ ଲାଇନ୍ ଅନୁସାରେ ଚାଷୀଙ୍କ ଧାନକୁ ସେଠାରେ ଓଜନ କରିବା ସହିତ କ୍ୱିଣ୍ଟାଲ ପିଛା ୭/୮କେଜି କଟଣୀ ଛଟଣୀ କରି ଚିଠା ଧରାଇଦେଉଛନ୍ତି ।

ଗାଡ଼ି କରି ଧାନ ନେଇ ଦିନ ଦିନ ଅପେକ୍ଷା କରି ମିଲ୍‌ରେ ଦେବା ପରେ ସେହି ୭/୮କେଜି କଟଣୀ ଛଟଣୀ ଚିଠା ଧରି ଫେରିବା ଛଡ଼ା ବିଚରା ଚାଷୀଙ୍କର କୌଣସି ଯୁ ନାହିଁ । ସେହି ଚିଠା ନେଇ ସୋସାଇଟ୍ ସଂପାଦକଙ୍କୁ ଦେବା ପରେ ସଂପୃକ୍ତ ଚାଷୀଙ୍କ ଠାରୁ କିଣାଯାଇଥିବା ଧାନର ପରିମାଣ ରେକର୍ଡ଼ ହେଉଛି । ନା' କୌଣସି ଚାଷୀଙ୍କୁ ଝୋଟ ବସ୍ତା ମିଳୁଛି ନା' କୌଣସି ମିଲ୍‌ରେ ଗଚ୍ଛିତ ଥିବା ଧାନ ଝୋଟବସ୍ତାରେ ରହିଛି । କୌଣସି ପାକ୍ସରେ ଧାନ ଓଜନ ହେବାର କେହି ଦେଖିବାକୁ ପାଇବେ ନାହିଁ କିମ୍ବା ସଂପୃକ୍ତ ମିଲ୍ ଗୁଡ଼ିକର ଗୋଦାମରେ ଝୋଟବସ୍ତାରେ ଧାନ ଥିବାର ଦେଖିବାକୁ ମିଳିବନି । ଅବଶ୍ୟ ପ୍ରଶାସନିକ ଅଧିକାରୀମାନେ ଧାନ ମଣ୍ଡ ପରିଦର୍ଶନ କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଉଥିବାରୁ ହୁଏତ ସେହି ଅଧିକାରୀମାନଙ୍କୁ ପାକ୍ସରେ ଧାନ ଓଜନ କରାଯାଇ ଚାଷୀଙ୍କ ଠାରୁ ରଖାଯାଉଥିବା ଓ ଝୋଟ ବସ୍ତାରେ ମିଲର ଗୋଦାମରେ ଧାନ ଥିବାର ନଜରକୁ ଅସୁଥାଇପାରେ । ହେଲେ ବାସ୍ତବପକ୍ଷେ ପୂର୍ବ ପ୍ରଚଳିତ ଧାରାରେ ଧାନକିଣା ଚାଲିଛି । ଅନ୍ୟପକ୍ଷରେ ଅଧିକାଂଶ ଚାଷୀ ଏହି ଝିନଝଟରେ ନପଶି ସିଧା ବେପାରୀଙ୍କୁ ନିଜର ଯାହା ଗଣ୍ଡା ଧାନ ହୋଇଛି କ୍ୱିଣ୍ଟାଲ ପିଛା ୧୮ଶହ ଟଙ୍କାରେ ଘରେ ବସି ମପାଇ ଦେଉଛନ୍ତି । ବେପାରୀ ମାନେ ମଧ୍ୟ ସେହି ଧାନକୁଜରି ବସ୍ତାରେ ନେଇ ଅବଶ୍ୟ ସଂପୃକ୍ତ ଚାଷୀଙ୍କ ନାମରେ ଏବଂ କିଛି ମିଛିମିଛିକା ଧାନକୁ କିଛି ପଂଜିକୃତ ଅଦୃଶ୍ୟ ଚାଷୀଙ୍କ ନାମରେ ମିଲରଙ୍କୁ ଦେଉଛନ୍ତି । ସେମାନଙ୍କ ନାମରେ ଟଙ୍କା ଆସିବା ପରେ ଧାନ ଦେଇଥିବା ଚାଷୀଙ୍କ ଠାରୁ ୧୮ଶହ ଟଙ୍କା ବାଦ୍ ଅବଶିଷ୍ଟ ଟଙ୍କାକୁ ବେପାରୀମାନେ ବୁଲି ବୁଲି ଚାଷୀଙ୍କ ଠାରୁ ଅସୁଲ କରି ନେଉଛନ୍ତି । ଆଉ ଯେଉଁ ଅଦୃଶ୍ୟ ଚାଷୀ ନାମରେ ଟଙ୍କା ଆସୁଛି ସେମାନଙ୍କୁ କ୍ୱିଣ୍ଟାଲ ପିଛା ୫ଶହ ଛାଡ଼ି ଅବଶିଷ୍ଟ ଟଙ୍କା ଆଦାୟ କରି ନେଉଛନ୍ତି ।

ଏହିଭଳି ସଂଗ୍ରହ ହେଉଥିବା ବିପୁଳ ମୁନାଫାରୁ ଏହି ଧାନ କିଣା ସହିତ ଜଡ଼ିତ ବେପାରୀଙ୍କ ଠାରୁ ଆରମ୍ଭ କରି ପାକ୍ସ କର୍ମଚାରୀ, ମିଲର, ପ୍ରଶାସନିକ ଅଧିକାରୀ ଓ ସରକାରର ବଡ଼ପଣ୍ଡାମାନେ ଭାଗ ପାଉଛନ୍ତି । ଏହା କେବଳ ମହାକାଳପଡ଼ା ବ୍ଲକ୍‌ରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଶ୍ରୀମୁଖ ସିଂହାର ଲାଗି ବନ୍ଦ ରହିବ ଶ୍ରୀବଳଦେବଜୀଉଙ୍କ ମନ୍ଦିର

**କେନ୍ଦ୍ରାପଡ଼ା,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୧୧ତାରିଖ ବୁଧବାର ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ସିଂହାର ପାଇଁ ସର୍ବ ସାଧାରଣ ଦର୍ଶନ ସକାଶେ ସକାଳ ସାତଟା ରୁ ଦଶଟା ତିନି ଘଣ୍ଟା ବନ୍ଦ ରହିବ । ଫାଲଗୁନ ମାସ କୃଷ୍ଣ ପକ୍ଷ ନବମୀ ତିଥି ବୁଧ ବାର ଥିବାରୁ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି କରାଯିବ । ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ଚିତ୍ରକର ସେବକ ରତ୍ନ ସିଂହାସନକୁ ଯାଇ ଏହି କାର୍ଯ୍ୟ ସମ୍ପାଦନ କରିବେ । ଏହା ଏକ ଗୁପ୍ତ ନୀତି ଥିବାରୁ ସର୍ବ ସାଧାରଣ ଦର୍ଶନ ସକାଳ ସାତଟା ରୁ ଦଶଟା ତିନି ଘଣ୍ଟା ବନ୍ଦ ରହିବ । ପରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇ ଅନ୍ୟ ନୀତି କାନ୍ତି କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି ।

**ଜାଳେଣୀ କାଠ ଲାଗି ଜଙ୍ଗଲକୁ ଯାଇଥିଲେ**

# ହାତୀ ଦଳିଦେଲା ୬ଜଣଙ୍କୁ: ୩ ମୃତ



**ଢେଙ୍କାନାଳ,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାତୀ ଆକ୍ରମଣ କଲା ୬ଜଣଙ୍କୁ । ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣଙ୍କ ଅବସ୍ଥା ଏବେ ଗୁରୁତର । ଜାଳେଣୀ କାଠ ଲାଗି ସଂରକ୍ଷିତ ଜଙ୍ଗଲକୁ ଯାଇଥିଲା ବେଳେ ଘଟିଛି ଏ ଅଘଟଣ । ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ପାଟପୁରୀ ସଂରକ୍ଷିତ ଜଙ୍ଗଲରେ ଘଟିଛି ଏହି ଅଘଟଣ । ନିକଟ ମେଡିକାଲ୍‌ରେ ଗୁରୁତରଙ୍କୁ ଭର୍ତ୍ତି କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ୧୦ରୁ ୧୫ ଜଣ ମହିଳା କାଠ ସଂଗ୍ରହ ପାଇଁ ସଦର ରେଞ୍ଜ ପାଟପୁରୀ ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ । ହେଲେ ଜଙ୍ଗଲରେ ହାତୀ ପଲଙ୍କ ହାବୁଡ଼ରେ ପଡିଯାଇଥିଲେ ସମସ୍ତ ମହିଳା । ଜାଳେଣୀ ସଂଗ୍ରହ ପାଇଁ ଯାଇଥିବା ମହିଳାଙ୍କୁ ହାତୀପଲ ଆକ୍ରମଣ କରିଥିଲେ । ଯେଉଁଥିରେ କିଛି ମହିଳା ଜୀବନ ବିକଳରେ ଦୌଡି ପଳାଇଥିଲେ । ହେଲେ କିଛି ମହିଳା ହାତୀଙ୍କ ହାବୁଡ଼ରେ ପଡିଯାଇଥିଲେ । ଯାହାଫଳରେ କି ହାତୀପଲ ସେମାନଙ୍କୁ ଆକ୍ରମଣ କରିଥିଲେ । ତେବେ ଏହି ହାତୀପଲଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

**ଅଙ୍ଗନବାଡି କେନ୍ଦ୍ରରେ ସହାୟିକାଙ୍କ ନିଯୁକ୍ତିକୁ ଗାଁ ଲୋକଙ୍କ ବିରୋଧ**

# ଛାତ୍ରଛାତ୍ରୀ ଆସୁନାହାନ୍ତି କି ଶୁଖିଲା ଖାଦ୍ୟ ନେଉନାହାନ୍ତି

**ରାଜନଗର,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଦଳିତ ଜାତିର ଯୁବତୀ ନିଯୁକ୍ତି ପାଇଥିବାକୁ ବିରୋଧ କରି ଗ୍ରାମବାସୀମାନେ ତାଙ୍କ ପିଲାମାନଙ୍କୁ ଛାଡୁନାହାନ୍ତି ଅଙ୍ଗନବାଡି କେନ୍ଦ୍ରକୁ । ଏପରିକି ଶୁଖିଲା ଖାଦ୍ୟ ମଧ୍ୟ ନେଉନାହାନ୍ତି । ଗତ ୨୦୨୫ ନଭେମ୍ବର ୨୦ ତାରିଖରେ ସହାୟିକା ନିଯୁକ୍ତି ଦିଆଯାଇଥିଲା । ନଭେମ୍ବର ମାସରେ ଏହି ଗାଁର ଶର୍ମିଷ୍ଠା ସେଠି ସହାୟିକା ନିଯୁକ୍ତି ପାଇଥିଲେ । ପୂର୍ବରୁ ଅଙ୍ଗନବାଡି କେନ୍ଦ୍ରକୁ କର୍ମୀ ଲିଜା ରାଣୀ ପାଣ୍ଡବ ଚଳାଉଥିବା ବେଳେ ଗ୍ରାମବାସୀମାନେ ନିଜର ପିଲାମାନଙ୍କୁ ଛାଡୁଥିଲେ ଏବଂ ଟିଏଚଆର (ଶୁଖିଲା ଖାଦ୍ୟ) ନେଉଥିଲେ । ଯେବେଠାରୁ ଶର୍ମିଷ୍ଠା ନିଯୁକ୍ତି ପାଇଲେ ସେବେଠାରୁ ଅଭିଭାବକମାନେ ପିଲାମାନଙ୍କୁ ଛାଡୁ ନାହାନ୍ତି କିମ୍ବା ଶୁଖିଲା ଖାଦ୍ୟ ନେଉ ନଥିବା ଲିଜା ରାଣୀ କହିଛନ୍ତି । କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ବିଦ୍ୟାଳୟ ପରିସରରେ ଏହି କେନ୍ଦ୍ରଟି ଚାଲିଛି । ସକାଳ ୬:୩୦ରୁ ଆରମ୍ଭ ହୋଇ ୯:୩୦ରେ ବନ୍ଦ ହେଉଥିବା କର୍ମୀ କହିଛନ୍ତି । କାହିଁକି ଗ୍ରାମବାସୀ ଛାଡୁନାହାନ୍ତି ଏନେଇ କର୍ମୀଙ୍କୁ ପଚାରିବାରୁ ଆମେ ହିତାଧିକାରୀଙ୍କ ଘରକୁ ଯାଇ ଡାକିଲେ ମଧ୍ୟ ସେମାନେ ପିଲାଙ୍କୁ ଛାଡୁନାହାନ୍ତି କିମ୍ବା ଶୁଖିଲା ଖାଦ୍ୟ ନେଉନଥିବା କହିଛନ୍ତି ।

ଅପରପକ୍ଷରେ ସହାୟିକା ଭାବରେ ନିଯୁକ୍ତି ପାଇଥିବା ଶର୍ମିଷ୍ଠା ନିଜ ପ୍ରତିକ୍ରିୟାରେ ଦଳିତ ପରିବାରରେ ଜନ୍ମ ହୋଇଥିବା କ'ଣ ପାପ ? ମୁଁ ସେମାନଙ୍କର ସେବା କରିବାକୁ ଚାହୁଁଛି । ମୁଁ +୩ ପାସ କରିଛି । ମୁଁ ଚାହୁଁଛି ପିଲାମାନଙ୍କୁ ପଢ଼ାଇବା ସହିତ ସେମାନଙ୍କ ସେବା କରିବାକୁ ଚାହୁଁଛି । ଦଳିତ ପିଲା ଭାବେ ଚାକିରୀ ପାଇବା କଣ ଭୁଲ ବୋଲି ତାଙ୍କ କୋହଭରା କଣ୍ଠରେ କହିଛନ୍ତି । ଏନେଇ ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଏହି ଘଟଣାକୁ ନାପସନ୍ଦ କରିବା ସହ ଗ୍ରାମବାସୀଙ୍କୁ ଡାକି ବୁଝାଇଛନ୍ତି ଆଗାମୀ ଦିନରେ ଗ୍ରାମବାସୀଙ୍କ ମତ ପରିବର୍ତ୍ତନ ହେବ ଏବଂ ଅଙ୍ଗନବାଡି କେନ୍ଦ୍ର ଚାଲିବ ବୋଲି ଆଶା ପୋଷଣ କରିଛନ୍ତି ।

ଗ୍ରାମବାସୀମାନେ ଏନେଇ କୌଣସି ପ୍ରତିକ୍ରିୟା ଦେବାକୁ ରାଜି ନୁହନ୍ତି । ଜଣେ ମାତ୍ର ଗ୍ରାମବାସୀ ପ୍ରତିକ୍ରିୟା ଦେଇଥିଲେ ମଧ୍ୟ କଥାକୁ ବୁଲାଇ ବଙ୍କାଇ ଅଙ୍ଗନବାଡି ପାଖରେ କୁମ୍ଭୀର ରହୁଛି ସେଠାରେ ସାପ, ବାରହା ରହୁଥିବା ନେଇ କହିଛନ୍ତି । ସେଥିପାଇଁ ଆମେ ପିଲାଙ୍କୁ ଛାଡ଼ିବାକୁ ଉଚିତ ମଣୁ ନାହୁଁ ବୋଲି କହିଥିଲେ । ଅପରପକ୍ଷରେ ଅଙ୍ଗନବାଡି କର୍ମୀ ସିଡ଼ିପିଓ ଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି । ସିଡ଼ିପିଓ ଦିପାଳୀ ମିଶ୍ର ସୁପରଭାଇଜରଙ୍କୁ ନେଇ ଲୋକମାନଙ୍କୁ ବୁଝାଇଥିଲେ ମଧ୍ୟ କିଛି ଫଳ ମିଳିଲାନି । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ସଜାଗ ହୋଇ ଉଠିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସେପରି କିଛି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ୧୦ତାରିଖ ମଙ୍ଗଳବାର ତହସିଲଦାର ଯିଶୁ କ୍ରୀଷ୍ଟ ଦାସ ସିଡ଼ିପିଓ ଶ୍ରୀମତୀ ମିଶ୍ରଙ୍କ ସହ ନୂଆଗାଁ ଯାଇ କର୍ମୀ ଓ ସହାୟିକା ଏବଂ କିଛି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଏନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କୁ ପଚାରିବାରୁ ସିଡ଼ିପିଓଙ୍କ ଠାରୁ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଜଣାଇଥିଲି । ତାଙ୍କ ନିର୍ଦ୍ଦେଶରେ ସଂମ୍ପୃକ୍ତ ଗ୍ରାମକୁ ଯାଇ କର୍ମୀ ସହାୟୀକା ଏବଂ ଲୋକ ମାନଙ୍କ ସହିତ ଆଲୋଚନା କରିଥିଲୁ । ମାତ୍ର ଏହି ଆଲୋଚନା ବିଫଳ ହୋଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଜିଲ୍ଲା ପ୍ରଶାସନ ଘଟଣା ସମ୍ପର୍କରେ ଅବଗତ ଥିବାବେଳେ ଏହାକୁ କାହିଁକି ଗୁରୁତ୍ୱ ଦେଇନଥିଲା । ଦୀର୍ଘ ଅଢେଇ ମାସ ରୁ ଉର୍ଦ୍ଧ୍ୱ ଦିନ ପରେ ଜିଲ୍ଲା ପ୍ରଶାସନ ହଠାତ୍ ତତ୍ପର ହୋଇ ଉଠିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଫେବୃଆରୀ ୨୦୨୬ । ବୁଧବାର




## ମା’ ଅଡଙ୍ଗେଇ ମନ୍ଦିରରୁ ଚୋରି



**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଷୋଳପୁର ନିକଟ ମା’ ଅଡଙ୍ଗେଇ ମନ୍ଦିରରୁ ଚୋରି ହୋଇଛି। ସୋମବାର ରାତିରେ ଚୋରମାନେ ମନ୍ଦିରର ତାଲା ଭାଙ୍ଗି ଭିତରେ ପଶିବା ସହ ୨ଟି ହୁଣ୍ଡି ଏବଂ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି। ୨ଟି ହୁଣ୍ଡିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ସୂଚ଼ନା ମିଳିଛି।

ମନ୍ଦିରର ପୂଜକ ମଙ୍ଗଳବାର ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ଏହା ଦେଖି ପ୍ରଥମେ ପୋଲିସକୁ ଖବର ଦେଇଥିଲେ। ମନ୍ଦିର ଫାଟକର ତାଲା ଭଙ୍ଗାଯାଇଥିବା ଏବଂ ଦୁଇଟି ହୁଣ୍ଡି ନଥିବା ସେ ଦେଖିବାକୁ ପାଇଥିଲେ। ମା’ଙ୍କର କିଛି ସୁନା ଓ ରୂପା ଅଳଙ୍କାର ଏବଂ ପିତଳ ସାମଗ୍ରୀ ମଧ୍ୟ ଚୋରି ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସନ୍ଦେହରେ ଜଣକୁ ଅଟକ ରଖି ପଚ଼ରା ଉଚୁରା ଚ଼ଳାଇଛି। ମନ୍ଦିର ନିକଟରୁ ତାଲା ଭଙ୍ଗା ଅବସ୍ଥାରେ ପଡିଥିବା ଦୁଇଟି ଯାକ ହୁଣ୍ଡି ବାକ୍ସକୁ ପୋଲିସ ଜବତ କରିଛି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରୁଛି ପୋଲିସ।

## ଗଞ୍ଜେଇ ବେପାରୀ ଗିରଫ



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ସ୍ୱାଭିମାନ ଅଞ୍ଚଳରେ ଗଞ୍ଜେଇ ତେଲ ପ୍ରସ୍ତୁତି କାରଖାନା, ୩୦ କେଜି ଗଞ୍ଜେଇ କଳି ଓ ୨୫ଲକ୍ଷ ଟଙ୍କାର ଗଞ୍ଜେଇ ତେଲ ଜବତ କରିବା ସହ ୪ ଜଣ ଗଞ୍ଜେଇ ତେଲ ପ୍ରସ୍ତୁତିକାରୀଙ୍କୁ ଗିରଫ କରିଛି। ଜବତ ୨ ଲିଟର ଗଞ୍ଜେଇ ତେଲର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଅଧିକାରୀ ସୂଚ଼ନାରୁ ପ୍ରକାଶ। ୪ ମାସରେ ମାଲକାନଗିରି ଜିଲ୍ଲା ପୋଲିସ ଦ୍ୱାରା ୭.୫ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ କରାଯାଇଛି। ମାଲକାନଗିରି ଏସପି ବିନୋଦ ପାଟିଲ ମାଲକାନଗିରି ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚ଼ନା ଦେଇଛନ୍ତି।

ମାଲକାନଗିରି ଜିଲ୍ଲା ବଦପଦର ଜଙ୍ଗଲ ଉପରେ ଚ଼ଢ଼ାଉ କରି କରାଯାଇ ଘଞ୍ଚ ଜଙ୍ଗଲ ପାହାଡ଼ ଉହାଡରେ ଗଞ୍ଜେଇ ତେଲ ପ୍ରସ୍ତୁତି କାରଖାନାକୁ ପୋଲିସ ଠାବ କରିଥିଲେ। ସେଠାରୁ ତେଲ ପ୍ରସ୍ତୁତି ମେସିନ, ୩୦ କେଜି ଗଞ୍ଜେଇ କଳି, ୨ଲିଟର ଗଞ୍ଜେଇ ତେଲ, ତିନି ଡ୍ରମ ତେଲ ପ୍ରସ୍ତୁତି ପାଇଁ ବ୍ୟବହୃତ କେମିକାଲ ସହ ଅନ୍ୟାନ ସାମଗ୍ରୀ ପୋଲିସ ଜବତ କରିଛି। ଗଞ୍ଜେଇ ତେଲ ପ୍ରସ୍ତୁତି କରି ବାହାର ରାଜ୍ୟକୁ ଚ଼ାଲାଣ କରୁଥିବା ଗଞ୍ଜେଇ ମାଫିଆ ୪ ଜଣଙ୍କୁ ଗିରଫ କରାଯାଇଛି। ଦୁଇଜଣ ମାଲକାନଗିରି ଜିଲ୍ଲା ଚ଼ିତ୍ରକୋଣ୍ଡା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଆନ୍ତଃରାଜ୍ୟ ନିଶା ଚ଼ାଲାଣକାରୀ ଆନ୍ଧ୍ରପ୍ରଦେଶ ଅଞ୍ଚଳର ବୋଲି ଏସପି ଶ୍ରୀ ପାଟିଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ରାଜକିଶୋର ଦାଶ, ଅତିରିକ୍ତ ଏସପି ରଶ୍ମିରଞ୍ଜନ ସେନାପତି ପ୍ରମୁଖ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଖଣ୍ଡିଆ ଗେଟ ନିର୍ମାଣ ସରିବ କେବେ ?




**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସର୍ବ ପୁରାତନ ସରକାରି ଅତିଥି ବଙ୍ଗଳା ବା ସର୍କିଟ ହାଉସକୁ ଦୈନନ୍ଦିନ କେତେ ନେତା, ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସହିତ ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ଏଇଠି ବିଶ୍ରାମ କରନ୍ତି, ଆଉ ଆବଶ୍ୟକ ପଡିଲେ ରାତ୍ରି ଯାପନ ମଧ କରନ୍ତି। ଏହି ସମୟରେ କନ୍ଧମାଳ ଜିଲ୍ଲାର ମୁଖିଆ ଜିଲ୍ଲାପାଳଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ମଧ ନିରନ୍ତର ଭାବେ ଯାତାୟାତ କରିଥାନ୍ତି। କିନ୍ତୁ ଯାତାୟାତ କରୁଥିବା ସମୟରେ କାହାର ମଧ ଅସମ୍ପୂର୍ଣ୍ଣ ମୁଖ୍ୟ ଫଟକର ଅବସ୍ଥାକୁ ଦୃଷ୍ଟି ପଡୁନାହିଁ। ଯାହାକି ସମସ୍ତଙ୍କ ପାଇଁ ଏକ ଦୁଃଖ ଦାୟକ ଘଟଣା ଅଟେ। ଆଜିଯାଏ ଏହି ସର୍କିଟ ହାଉସର ପାରିପାର୍ଶ୍ୱିକ ସାଜ ସଜ୍ଜା କରାଯାଇପାରିନି କି କୋଠରୀ ଗୁଡିକ ମଧ ଏତେ ଉନ୍ନତମାନର ନୁହଁ ବୋଲି ଆସୁଥିବା ଅନ୍ତେବାସୀ ଅତିଥିମାନଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ହେଲେ ବିଶେଷ ଘଟଣା ହେଲା ଜିଲ୍ଲାର ପିଡବ୍ଲୁଡି ଅଧୀନରେ ଥିବା ଏହି ଗେଷ୍ଟ ହାଉସରେ ନୂତନ ଭାବେ ମୁଖ୍ୟ ଫାଟକ ଉନ୍ନତିକରଣ କରିବା ପାଇଁ ବୋଧେ ପିଡବ୍ଲ୍ୟୁଡି ତରଫରୁ କେଉଁ ମସିହାରେ କେତେ ଅର୍ଥ ମଞ୍ଜୁର ହୋଇ ଗେଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ନିର୍ମାଣ କାର୍ଯ୍ୟକୁ କେଉଁ ଯନ୍ତ୍ରୀ ତଦାରଖ କରି ବିଲ କରିଥିଲେ ଓ କେତେ ଟଙ୍କା ଅର୍ଥ ରାଶି ବିଭାଗ ମଞ୍ଜୁର କରିଥିଲା। ତାର ପ୍ରମାଣ ପାଇଁ ନାମ ଫଳକ ମଧ ରଖାଯାଇ ନାହିଁ କି ଉକ୍ତ ଫାଟକର ନିର୍ମାଣ କାର୍ଯ୍ୟର ଅବଧି କେବେ ଥିଲା ତାହା ବି ଉଲ୍ଲେଖ ନାହିଁ। ଉକ୍ତ କାର୍ଯ୍ୟ ଆଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା ବଡ଼ ପରୀତାପର ବିଷୟ ଅଟେ। ସରକାର ଓ ଜିଲ୍ଲା ପ୍ରଶାସନ କନ୍ଧମାଳ ମହୋତ୍ସବ, ସୁଭଦ୍ରା ଶକ୍ତି ମେଳା, କୃଷି ମେଳା, ପ୍ରାଣୀ ସମ୍ପଦ ମେଳା ନାଁରେ ମିଥ୍ୟା ଖର୍ଚ୍ଚ ଦେଖେଇ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ହଡପ କରିବାରେ ବ୍ୟସ୍ତ ରହୁଛନ୍ତି ବିଭାଗୀୟ ଅଧିକାରୀମାନେ। ହେଲେ ଏଭଳି ଏକ ମହତ୍ୱପୂର୍ଣ୍ଣ ଗେଷ୍ଟ ହାଉସର ମୁଖ୍ୟ ପ୍ରବେଶ ଦ୍ୱାର ପୁଙ୍ଗୁଳା ହୋଇପଡ଼ିଥିବା କାହା ନଜରରେ ପଡୁନି କାହିଁକି ? ଯେମିତି କି ଗାଁ ପରିମଳ ଧୋବା ତୁଠରୁ ଜଣା ପଡେ ବୋଲି ଏକ ଗାଉଁଲି ଢଗ ଅଛି। ସେଇଭଳି ଯଦି ଜିଲ୍ଲା ସଦର ମହକୁମାର ଖୋଦ ଜିଲ୍ଲାପାଳଙ୍କ ଆଖି ସାମ୍ନାରେ ସର୍କିଟ ହାଉସର ଖଣ୍ଡିଆ ହୋଇ ପଡ଼ିଥିବା ପୁଙ୍ଗୁଳା ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ବିଫଳ ହୋଇପଡିଛି ପିଡବ୍ଲୁଡି କନ୍ଧମାଳ, ତାହାଲେ ଜିଲ୍ଲାର କୋଣ ଅନୁକୋଣରେ ବା ଉପାନ୍ତ ଅଞ୍ଚଳରେ କିଭଳି ରାସ୍ତା ଘାଟ, କୋଠା, ବାଡ଼ିର ନିର୍ମାଣ କାର୍ଯ୍ୟ ଚ଼ାଲୁଥିବ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଫୁଲବାଣୀ ସର୍କିଟ ହାଉସର ମୁଖ୍ୟ ଗେଟ ନିର୍ମାଣ କାର୍ଯ୍ୟରୁ ଜଣାପଡୁଛି। ତେଣୁ ବିଳମ୍ବରେ ହେଲେ ମଧ ଜିଲ୍ଲାପାଳ କନ୍ଧମାଳଙ୍କୁ ଟିକିଏ ତୀକ୍ଷ୍ଣ ଦୃଷ୍ଟି ପଡୁ ଓ ଯଥା ଶୀଘ୍ର ଉକ୍ତ ଗେଟ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ସର୍କିଟ ହାଉସରେ ବିଭିନ୍ନ ପ୍ରକାର ଫୁଲ ଫଳ ଗଛ ଲଗେଇ ତାର ସୌନ୍ଦର୍ଯ୍ୟ କରଣ କରାଯାଇ ସର୍କିଟ ହାଉସର ମାନ ବୃଦ୍ଧି କରାଯାଉ ବୋଲି ସାଧାରଣରେ ଆଲୋଚ଼ନା ହେଉଛି।

## ବାଣ ଫୁଟାଇ ଜଣେ ଗୁରୁତର

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ସୌଭାଗ୍ୟ ନଗର ଅଞ୍ଚଳରେ ଅଘଟଣ। ଅଫୁଟା ବାଣ ଫୁଟାଇ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ସୌଭଗ୍ୟ ନଗର ଅଞ୍ଚଳର ପବିତ୍ର ବେହେରାଙ୍କ ପୁଅ ଆକାଶ ବେହେରା। ସୂଚନା ଯେ, ସୌଭାଗ୍ୟ ନଗର ନିକଟରେ ଥିବା ପଡିଆରେ ଏକ ଅଫୁଟା ବାଣ ପଡିଥିଲା। ଯାହାକୁ ମଙ୍ଗଳବାର ଦିନବେଳା ଆକାଶ ପାଇଁ ସେହି ଅଫୁଟା ବାଣକୁ ପାଇଥିଲା। ଯାହାକୁ ଆଣି ଦିଆସିଲ୍ ଯୋଗେ ନିଆଁ ଲଗାଇଥିଲା। ସେହି ବାଣଟି ଫୁଟି ଆକାଶ ଗୁରୁତର ହୋଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକ ଆକାଶକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକାଶଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆକାଶଙ୍କର ବାମ ହାତ ଛିଣ୍ଡି ଯାଇଥିବା ବେଳେ ମୁହଁ, ଦେହ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## କୋଟିଏ ଟଙ୍କାର ସୁନା ଗହଣା ଲୁଟ୍

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୁନା ଦୋକାନ କାନ୍ଥ ଭାଙ୍ଗି ଲକର ଚ଼ାବି ଖୋଲି ୧ କୋଟି ଟଙ୍କାର ସୁନା, ରୂପା ଗହଣା ଲୁଟି ନେଲେ ଲୁଟେରା। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ଥାନା ଫଟା ଅର୍ଜୁନ ଛକରେ ଥିବା ନୀଳମଣି ଜୁଏଲାରୀ ଦୋକାନରେ। ଦୋକାନୀ ରାଜେନ୍ଦ୍ର କୁମାର ସାହୁଙ୍କ କହିବା ମୁତାବକ ସୋମବାର ରାତିରେ ଲୁଟେରାମାନେ ତାଙ୍କ ଦୋକାନ କାନ୍ଥ ଭାଙ୍ଗି ଦୋକାନରେ ପସି ଲକର ଚ଼ାବି ଖୋଲି ୫ ଶହ ଗ୍ରାମର ସୁନା ଗହଣା ଲୁଟି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ। ୫ କିଲୋ ଓଜନର ରୂପା ଗହଣା ଓ ନଗଦ ୧୦ ହଜାର ଟଙ୍କା ମଧ ଲୁଟ କରି ଫେରାର ହୋଇଯାଇଛନ୍ତି। ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରୁଛି।

## ‘ସମ୍ବାଦ କଳିକା’ ପ୍ରତିଷ୍ଠାତା ଅଭୟ ସ୍ୱାଇଁଙ୍କ ପରଲୋକ



**ଭୁବନେଶ୍ୱର/କଟକ**
**ଏକ୍ସପ୍ରେସ ନ୍ୟୁଜ୍**

ଦୈନିକ ଖବରକାଗଜ ‘ସମ୍ବାଦ କଳିକା’ର ପ୍ରତିଷ୍ଠାତା ତଥା ଇଣ୍ଟିଗ୍ରାଲ୍ ପବ୍ଲିକେଶନ ପ୍ରା.ଲି.ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଅଭୟ କୁମାର ସ୍ୱାଇଁଙ୍କର ଗତ ୮ ତାରିଖ ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାପଡିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ମୁଖାଗ୍ନି ଦେଇଥିଲେ ଜ୍ୟେଷ୍ଠପୁତ୍ର ଆଶୀଷ ସ୍ୱାଇଁ।

ବହୁ କଷ୍ଟ ସ୍ୱୀକାର କରି ସେ ସମ୍ବାଦ କଳିକା ଆରମ୍ଭ କରିବା ସହ କମ୍ପାନୀ ଚଳାଇଥିଲେ ହେଁ ଆର୍ଥିକ ଅନଟନ କାରଣରୁ ୨୦୦୬ ମସିହାରେ ଉଭୟ ଖବରକାଗଜ ଓ କମ୍ପାନୀରୁ ସେ ଅବ୍ୟାହତି ନେଇଥିଲେ। ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଓଡ଼ିଆ ଶାଖାର ସଭାପତି ଭାବେ ମଧ ସେ ଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ ସଂସ୍ଥାରେ କନ୍‌ସଲ୍‌ଟାଣ୍ଟ ଭାବେ କାମ କରି ଗତ କିଛିବର୍ଷ ହେବ ସ୍ୱାଧୀନ ଭାବେ ବ୍ୟବସାୟ କରୁଥିଲେ। ଶେଷ ଯାଏ ସେ ଚଳଚଞ୍ଚଳ ଥିଲେ। ତାଙ୍କ ବିୟୋଗରେ ଶୁଭେଚ୍ଛୁ, ହିତୈଷୀ, ପ୍ରିୟ ପରିଜନ ଶୋକବ୍ୟକ୍ତ କରିଛନ୍ତି। ‘ଓଡ଼ିଶା ଏକ୍ସପ୍ରେସ୍’ ମୁଖ୍ୟ ସଂପାଦକ ଉମାପଦ ବୋଷ ଓ ସଂପାଦକ ଅମ୍ବିକା ପ୍ରସାଦ ଦାସ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ଖୋଲାଫର୍ଦ୍ଦର ସଂପାଦକ ବିମଳ ଭଞ୍ଜଦେଓ, ସମାଜସେବୀ ଭାଗିରଥି ପଟ୍ଟଯୋଶୀ, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ଓଡ଼ିଆ ଶାଖା ସାଧାରଣ ସଂପାଦକ କମଳ ଲୋଚନ ନାୟକ ପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

## ହାଇୱେ ଲୁଟେରା ଗ୍ୟାଙ୍ଗ ଗିରଫ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ପୋଲିସକୁ ପୁଣି ମିଳିଛି ସଫଳତା। ପୁଣି ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳତା ହୋଇଛି ପୋଲିସ। ଚ଼ାରିଜଣ ହାଇୱେ ଲୁଟେରାଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ଠାରୁ ଛଅଟି ବାଇକ ଜବତ ହୋଇଛି। ସୋମବାର ବଲାଙ୍ଗିର ଏସଡିପିଓ ସରୋଜ ଉପାଧ୍ୟାୟ ପୁଇଁନ୍ତଲା ଥାନରେ ସାମ୍ବାଦିକ ସମ୍ମିଳନୀ କରି ଲୁଟେରାମାନେ କିପରି ଲୁଟ୍ କରୁଥିଲେ, ସେନେଇ ସୂଚ଼ନା ଦେଇଥିଲେ।

ବଲାଙ୍ଗୀର-ସୋନପୁର ଏନଏଚ ୫୭ ରାସ୍ତାରେ ଲୋକମାନେ ଯାଉଥିବା ସମୟରେ ଏକୁଟିଆ ଦେଖି ଲୁଟ କରୁଥିଲେ ଲୁଟେରା। ରାସ୍ତାରେ ଯାଉଥିବା ବାଇକ ଆରୋହୀମାନଙ୍କୁ ଟାର୍ଗେଟ କରୁଥିଲେ। ବାଇକ ସହିତ ଜିନିଷପତ୍ର ଲୁଟପାଟ କରୁଥିଲେ। ବିଭିନ୍ନ ଲୁଟ ଓ ଚୋରି ମାମଲାର ତଦନ୍ତ କରୁଥିବା ବେଳେ ପୋଲିସ ହାତରେ ଏହି ଲୁଟେରାମାନେ ପଡିଥିଲେ। ପୁଇଁନ୍ତଲା ଥାନା ଥାନାଧିକାରୀ ଲୁଟେରାମାନଙ୍କୁ ଗିରଫ କରିଥିବା ବେଳେ ଲୁଟେରାଙ୍କ ମାଷ୍ଟର ମାଇଣ୍ଡ କିନ୍ତୁ ବାହାର ରାଜ୍ୟକୁ ଫେରାର ମାରିଥିବା ପୋଲିସ ସୂଚ଼ନା ଦେଇଛି। ଖବରଦାତା ସମ୍ମଳନିରେ ଏଡ଼ିପିଓ ଉପାଧ୍ୟାୟଙ୍କ ସମେତ ପୁଇଁନ୍ତଲା ଥାନା ଅଧିକାରୀ ସଞ୍ଜୟ ରାଉତରାୟ ଉପସ୍ଥିତି ଥିଲେ।

## ବାଣିଜ୍ୟ

### ୟୁପିଆଇ ଜରିଆରେ ଉଠାଇ ହେବ ଇପିଏଫ୍ ଟଙ୍କା




**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

କର୍ମଚ଼ାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ଏହାର ହିତାଧିକାରୀଙ୍କ ଲାଗି ଶୀଘ୍ର ଏକ ମୋବାଇଲ ଆପ୍ଲିକେସନ ଆଣିବ। ଏହାଦ୍ୱାରା ୟୁପିଆଇ ଜରିଆରେ ଇପିଏଫ୍ ଟଙ୍କା ଉଠାଇ ହେବ। ମନିକଣ୍ଟ୍ରୋଲ ରିପୋର୍ଟ ମୁତାବକ, ଇପିଏଫ୍‌ଓର ଏହି ଆପ୍ଲିକେସନ ଚ଼ଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ଆସିବାକୁ ଯାଉଛି। ବର୍ତ୍ତମାନ ଏହାର ପରୀକ୍ଷଣ ହେଉଛି। ଇପିଏଫ୍‌ଓ ଆପ୍ଲିକେସନ ଉମଙ୍ଗ ଆପ୍ଲିକେସନ ଠାରୁ ଭିନ୍ନ ରହିବ। ଆପ୍ଲିକେସନଟି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ରହିବ। ଏହାସହ ଏହା ଭୀମ ଏବଂ ଅନ୍ୟ ୟୁପିଆଇ ଆପ୍ଲିକେସନ ସହ ମଧ ଯୋଡି ହେବ। ଫଳରେ ସଦସ୍ୟମାନେ ଭବିଷ୍ୟନିଧି ଅର୍ଥକୁ ୟୁପିଆଇ ଜରିଆରେ ସିଧା ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବାର ସୁବିଧା ପାଇବେ।

ଏଥିଲାଗି ସଦସ୍ୟଙ୍କୁ ଆପ୍ଲିକେସନରେ ଲଗ୍ ଇନ୍ କରିବାକୁ ହେବ। ଏହାଦ୍ୱାରା ସଦସ୍ୟ ନିଜର ଯୋଗ୍ୟ ଇପିଏଫ୍ ବାଲାନ୍ସ ଦେଖିପାରିବେ। ୟୁପିଆଇ ପିନ୍ ଦେଇ ନେଣଦେଣକୁ ସମ୍ପୂର୍ଣ୍ଣ କରିପାରିବେ। ଅର୍ଥ ତୁରନ୍ତ ଯୋଡି ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ। ପାସ୍ ବୁକ ବାଲାନ୍ସ ଚେକ୍ କରିବା ଭଳି ଅନ୍ୟ ସେବା ମଧ ଏହି ଆପ୍ଲିକେସନରେ ମିଳିବ। ୧୦୦ ଆକାଉଣ୍ଟରେ ଏହାକୁ ପରୀକ୍ଷଣ କରାଯାଉଛି। ଶ୍ରମ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଉପରେ କାମ କରୁଛି। ଚୂଡାନ୍ତ ପରୀକ୍ଷଣ ପରେ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯିବ। ଇପିଏଫ୍‌ଓର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଜମାର କିଛି ଅଂଶ ଫ୍ରିଜ କରାଯିବ।

ଅର୍ଥାତ ନିର୍ଦ୍ଦିଷ୍ଟସ୍ତର ଯାଏ ରାଶି ଉଠାଣ ହୋଇପାରିବ। ଅନୁମୋଦିତ ଅଂଶକୁ ବ୍ୟାଙ୍କ ଆକାଉଣ୍ଟରେ ୟୁପିଆଇ ଜରିଆରେ ଉଠାଇ ହେବ। ପିଏଫ୍ ଉଠାଣ ଏହା ଦ୍ୱାରା ସହଜ ହେବ। ଚ଼ିକିତ୍ସା, ପାଠପଢା, ବିବାହ, ଘରୋଇ ଆବଶ୍ୟକତା କ୍ଷେତ୍ରରେ ଅର୍ଥ ଶୀଘ୍ର ମିଳିବ।

## ଫୁଟବଲ ଖେଳରୁ ମହାଭାରତ



**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଖେଳରେ କିକ୍ ମରାକୁ କେନ୍ଦ୍ରକରି ଜଣେ ଛାତ୍ରଙ୍କୁ ସହପାଠୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏଥିରେ ନବମ ଶ୍ରେଣୀ ଛାତ୍ର ଅଭିରାମ ଦାସ ଗୁରୁତର ହୋଇ ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ସନ୍ତରାଗଡିଆ ହାଇସ୍କୁଲରେ। ହାଇସ୍କୁଲ ପରିସରରେ ନବମ ଶ୍ରେଣୀର ଛାତ୍ରମାନେ ୩ ଦିନ ତଳେ ଫୁଟବଲ ଖେଳରେ ହୋଇଥିବା ଫାଉଲ ପାଇଁ ବାରୁଦଖାନା ଗାଁର ଜୟଦେବ ଦାସଙ୍କ ପୁଅ ଅଭିରାମକୁ ମାରଣାତ୍ମକ ଆକ୍ରମଣ କରିଥିଲେ। ବି ସେକ୍ସନର ୪ରୁ ୫ ଜଣ ଛାତ୍ର ମିଶି ଅଭିରାମଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସନ୍ତରାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚ଼ିକିତ୍ସା କରାଯିବା ପରେ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଛାତ୍ରମାନେ ଅଭିରାମକୁ ଜୀବନରୁ ମାରିଦେବା ପାଇଁ ବ୍ୟାଗରେ ମାରଣାସ୍ତ୍ର ଆଣିଥିବା ମଧ ଅଭିଯୋଗ ହୋଇଛି। ଆକ୍ରମଣ ସମୟରେ ଖେଳ ପଡିଆରେ କାମ କରୁଥିବା ଶ୍ରମିକମାନେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଭିଭାବକଙ୍କୁ ଜଣାଇବା ପରେ କଥା ପ୍ରଘଟ ହୋଇଥିଲା। ସେପଟେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।

## ନିଶାଙ୍କୁ ଜାମିନ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚ଼ନ୍ଦନଭାଟି ଗାଁର ଏକ ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଘଟଣାକୁ ନେଇ କିଛି ଦିନ ତଳେ ନିଶା ମହାରଣାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ନିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସର୍ତ୍ତମୂଳକ ଆଗୁଆ ଜାମିନ ଦେଇଥିଲେ। ମଙ୍ଗଳବାର ନିଶା ବଲାଙ୍ଗୀର ଏସ୍‌ଡିଜେଏମ କୋର୍ଟରେ ହାଜର ହେବା ପରେ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏହି ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ଏଭଳି ୨ ଆୟୋଜକଙ୍କୁ ମଧ ବଲାଙ୍ଗୀର ପୋଲିସ ଗିରଫ କରିଥିଲା। ତେବେ ଗିରଫ ଭୟରେ ଆଗୁଆ ଜାମିନ ଆବେଦନ କରିଥିଲେ ନିଶା ମହାରଣା। ଜାମିନ ପାଇବା ପରେ ମଙ୍ଗଳବାର ବଲାଙ୍ଗୀର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

## ମଣ୍ଡିରୁ ଉଠୁନି ଧାନ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ମଣ୍ଡିରେ ପଡି ରହିଛି ହଜାର ହଜାର କୁଇଣ୍ଟାଲ ଧାନ। ମିଲର ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ଧାନ କିଣା ବନ୍ଦ କଲାଣି ମଣ୍ଡି। ଏମିତି ଘଟଣା ଦେଖିବାକୁ ମିଳିଛି ଚ଼ାନ୍ଦବାଲି ବ୍ଲକର ବିଭିନ୍ନ ମଣ୍ଡିରେ। ଓରାସାହି, ହରିଶପୁର, ଜଳେଶ୍ୱରପୁର, ଜଳଧରପୁର, ମତୋ ଆଦି ସମବାୟ ସମିତିରେ ପାହାଡ ଭଳି ଗଦା ହୋଇଛି ଧାନ ବସ୍ତା । ଆଉ ଅଧିକ ଧାନ କ୍ରୟ କରି ରଖିବା ପାଇଁ ଜାଗା ପାଉ ନାହାଁନ୍ତି ମଣ୍ଡି କର୍ତ୍ତୃପକ୍ଷ। ଫଳରେ କେତେକ ସ୍ଥାନରେ ଧାନ କିଣିବା ବନ୍ଦ କଲେଣି, ଏବେ ଟୋକାନ କାଟିବା ନେଇ ଚ଼ିନ୍ତାରେ ଚ଼ାଷୀ। ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଚ଼ାଷୀମାନେ ଦାବି କରିଛନ୍ତି।

## ସିନେମାଫିନେମା ଟିଭିଫିଭି

### ରାଜପାଲଙ୍କୁ ସାହାଯ୍ୟ ହାତ ବଢାଇଲେ ସୋନୁ

ଏକ ପୁରୁଣା ଚେକ୍-ବାଉନ୍ସ ମାମଲାରେ ଫସିଥିବା ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସମ୍ପ୍ରତି ଦିଲ୍ଲୀର ତିହାର ଜେଲରେ ଆତ୍ମସମର୍ପଣ କରିବାକୁ ପଡିଛି। ଆତ୍ମସମର୍ପଣ କରିବା ପୂର୍ବରୁ ସେ ଖୁବ୍ ଭାବପ୍ରବଣ ହୋଇଥିଲେ ଏବଂ ସ୍ପଷ୍ଟ ଭାବରେ କହିଥିଲେ ଯେ ତାଙ୍କ ପାଖରେ ଟଙ୍କା ନାହିଁ। ଏଥିମଧ୍ୟରେ ବଲିଉଡର ରିୟଲ୍ ହିରୋ ଭାବରେ ଜଣାଶୁଣା ସୋନୁ ସୁଦ ପୁଣିଥରେ ଚ଼ର୍ଚ୍ଚାରେ ଅଛନ୍ତି ଏବଂ ଏହି ମାମଲାରେ ରାଜପାଲ ଯାଦବଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱର ଉଠାଇଛନ୍ତି।

୨୦୧୦ ମସିହାର ଏକ ଚେକ୍-ବାଉନ୍ସ ମାମଲାରେ ୫ କୋଟି ଟଙ୍କା ଋଣ ପରିଶୋଧ କରିନପାରି ଅଭିନେତା ରାଜପାଲ ଶେଷରେ ଆତ୍ମସମର୍ପଣ କଲେ। ଆତ୍ମସମର୍ପଣ କରିବା ପୂର୍ବରୁ ସେ ଭାବପ୍ରବଣ ହୋଇ ଅଧିକାରୀମାନଙ୍କୁ ପଚ଼ାରିଲେ, ‘ସାର୍, ମୁଁ କ’ଣ କରିବି ?’ ମୋ ପାଖରେ ଟଙ୍କା ନାହିଁ। ଅନ୍ୟ କୌଣସି ରାସ୍ତା ମୋତେ ଦେଖାଯାଉ ନାହିଁ। ଏଠି ସମସ୍ତେ ଏକା, କେହି କାହାର ବନ୍ଧୁ ନୁହଁନ୍ତି। ମୋତେ ଏକୁଟିଆ ଏହି ସମସ୍ୟା ଦେଇ ଗତି କରିବାକୁ ପଡିବ।

ରାଜପାଲଙ୍କ ଏହି ଇମୋସନାଲ୍ ମନ୍ତବ୍ୟ ପରେ ବଲିଉଡରୁ ସାହାଯ୍ୟ ପାଇଁ ସ୍ୱର ଉଠିବା ଆରମ୍ଭ ହୋଇଛି। ସୋନୁ ସୁଦ ଅଭିନେତାଙ୍କ ବିଷୟରେ ଟ୍ୱିଟ୍ କରିଛନ୍ତି, ଯାହା ପରେ ଆଶା କରାଯାଉଛି ଯେ ତାଙ୍କୁ ଏହି ମାମଲାରେ ଖୁବ୍‌ଶୀଘ୍ର ଫିଲ୍ମ ଜଗତରୁ ସମର୍ଥନ ମିଳିବ।



ସୋନୁ ସୁଦ ଲେଖିଛନ୍ତି, ରାଜପାଲ ଯାଦବ ଜଣେ ପ୍ରତିଭାବାନ ଅଭିନେତା ଯିଏ ବର୍ଷ ବର୍ଷ ଧରି ଆମ ଶିଳ୍ପକୁ ସ୍ମରଣୀୟ ଭୂମିକା ଦେଇଛନ୍ତି। କେତେବେଳେ ଜୀବନ ଅନ୍ୟାୟ ହୋଇଯାଏ, ପ୍ରତିଭା ପାଇଁ ନୁହେଁ, ବରଂ ଖରାପ ସମୟ ପାଇଁ। ସେ ମୋ ଫିଲ୍ମର ଏକ ଅଂଶ ହେବେ ଏବଂ ମୁଁ ବିଶ୍ୱାସ କରୁଛି ଯେ ଆମ ସମସ୍ତଙ୍କ ପାଇଁ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ସହକର୍ମୀ ଏକାଠି ହେବାର ସମୟ ଆସିଛି।

ସୋନୁ ଅଭିନେତାଙ୍କ ସାହାଯ୍ୟ ପାଇଁ ଏକ ଦୃଢ଼ ସ୍ୱର ଉଠାଇ କହିଲେ, ଏକ ଛୋଟ ରାଶି ଯାହାକୁ ଭବିଷ୍ୟତର କାମ ବଦଳରେ ଦିଆଯାଇପାରେ, ଏହା ଦାନ ନୁହେଁ, ବରଂ ଏକ ସମ୍ମାନ। ଯେତେବେଳେ ଆମ ଶିଳ୍ପରେ କେହି କଷ୍ଟକର ସମୟ ଦେଇ ଗତି କରୁଛନ୍ତି, ଆମେ ସେମାନଙ୍କୁ ମନେ ପକାଇବା ଉଚ଼ିତ ଯେ ସେମାନେ ଏକା ନୁହଁନ୍ତି। ଏହିପରି ଆମେ ପ୍ରମାଣିତ କରୁ ଯେ ଆମେ କେବଳ ଏକ ଶିଳ୍ପ ନୁହେଁ।

## ଲକ୍ଷ୍ମୀଡୁଙ୍ଗୁରୀକୁ ଐତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀ ସମାଜ ପକ୍ଷରୁ ରବିବାର ଲକ୍ଷ୍ମୀଡୁଙ୍ଗୁରୀ ବିକାଶ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୬ ମସିହାରୁ ସିଦ୍ଧଚ଼ାର୍ଯ୍ୟମାନଙ୍କ ନାମରେ ପ୍ରତିବର୍ଷ ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ଆୟୋଜନ ହୋଇଆସୁଛି। ଲକ୍ଷ୍ମୀଡୁଙ୍ଗୁରୀ ଠାରେ ଗୁରୁ ପଦ୍ମସମ୍ଭବ, ଗୁରୁ ଇନ୍ଦ୍ରଭୂତି, ଲକ୍ଷ୍ମୀକରା, ସାତବହନୀ ଏବଂ ଅନ୍ୟ ସିଦ୍ଧାଚ଼ାର୍ଯ୍ୟଙ୍କ ସ୍ମୃତିରେ ବୃକ୍ଷ ଗୁଡିକୁ ସମର୍ପଣ କରାଯାଇଛି। ଆଜି ସେହି ସମର୍ପିତ ବୃକ୍ଷ ଗୁଡିକୁ ପରିଦର୍ଶନ କରିବା ସହ ତାର ସ୍ଥିତି ଆକଳନ କରାଯାଇଥିଲା। ଏହାସହ ସମ୍ବଲପୁରରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ସେଥିରେ ଲକ୍ଷ୍ମୀ ଡୁଙ୍ଗୁରୀକୁ ସାମିଲ କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀ ଅସୁରକ୍ଷିତ ହୋଇ ପଡିଥିବାରୁ ବିଭିନ୍ନ ସମୟରେ ଅନେକ ଦାମୀ ଗଛ ଗୁଡିକୁ ଲୋକେ କାଟି ନେଉଥିବା ଏବଂ ବିଭିନ୍ନ ଲୋକଙ୍କ ଲୋଲୁପ ଦୃଷ୍ଟିରେ ରହିଛି। ତେଣୁ ଏହାର ସୁରକ୍ଷା ଏବଂ ବିକାଶ କରାନଗଲେ ଲକ୍ଷ୍ମୀଡୁଙ୍ଗୁରୀ କେତେବେଳେ କୌଣସି କମ୍ପାନୀ ଅଧିନକୁ ଯାଇ କଳ କାରଖାନା ନିର୍ମାଣରେ ବ୍ୟବହାର ହୋଇଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ତେଣୁ ୨୦୧୬ ମସିହାରୁ ଦାବି ହୋଇ ଆସୁଥିବା ଲକ୍ଷ୍ମୀଡୁଙ୍ଗୁରୀରେ ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ କରାଯାଇ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରାଯିବା ସହ ଲକ୍ଷ୍ମୀ ଡୁଙ୍ଗୁରୀର ପ୍ରକୃତିକୁ ମଧ୍ୟ ସୁରକ୍ଷିତ କରାଯାଇ ପାରିବ ବୋଲି ଭାରତୀ ସମାଜ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀରେ ଗଛ ଗୁଡିକୁ କଟା ନଯାଇ ସେଠାରେ ବ୍ୟବସ୍ଥିତ ଢଙ୍ଗରେ ନୂତନ ବୃକ୍ଷରୋପଣ କରାଯାଇ ଏହାକୁ ଆହୁରି ଆକର୍ଷଣୀୟ କରାଯାଇ ପାରିବ ବୋଲି ଆଜିର ବୈଠକରେ ମତପ୍ରକାଶ ପାଇଛି। ଲକ୍ଷ୍ମୀଡୁଙ୍ଗୁରୀର ମହାନ ସାଧିକା ଲକ୍ଷ୍ମୀକରାଙ୍କ ନାମରେ ନାମିତ ହୋଇଥିବା ବିଶ୍ୱାସ ରହିଛି । ତେଣୁ ଏହା ଅଞ୍ଚଳର ଇତିହାସ ଏବଂ ସଂସ୍କୃତି ସହ ଲୋକଙ୍କ ଭାବନା ମଧ୍ୟ ଜଡିତ ରହିଛି। ତେଣୁ ଏହାର ସୁରକ୍ଷା ପ୍ରତି ବନ ବିଭାଗ ଅଧିକ ଦୃଷ୍ଟି ଦେଇ ୫୨ ନମ୍ବର ରାଜପଥରେ ସୁନ୍ଦର ଗେଟ ଲଗାଯିବା ସହ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳର ସର୍ବବୃହତ ଶାଗୁଆନ ବଣ ରହିଛି। ପୁଣି ଲକ୍ଷ୍ମୀ ଡୁଙ୍ଗୁରୀରୁ ହୀରାକୁଦ ବନ୍ଧ ନିର୍ମାଣ ପାଇଁ ପଥର ବ୍ୟବହାର କରାଯାଇଥିଲା। ୭୫ ବର୍ଷ ପୂର୍ବରୁ ପାହାଡରୁ କଟାଯାଇଥିବା ପଥର ବର୍ତ୍ତମାନ ଆକର୍ଷଣୀୟ ଦେଖାଯାଉଛି। ପୁଣି ଲକ୍ଷ୍ମୀଡୁଙ୍ଗୁରୀ ଓଡିଶାର ସର୍ବ ପୁରାତନ ମାଟି ପରିକ୍ଷା କେନ୍ଦ୍ର ରହିଥିଲା। ତେଣୁ ବିଭିନ୍ନ ଦୃଷ୍ଟିରୁ ଲକ୍ଷ୍ମୀଡୁଙ୍ଗୁରୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ବୋଲି ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ଲକ୍ଷ୍ମୀଡୁଙ୍ଗୁରୀର ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ପାଇଁ ବର୍ଷ ତମାମ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ଆଜିର କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଭାରତୀ ସମାଜର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀ ସମାଜର ମହାସଚ଼ିବ ଦେବୀ ପ୍ରସାଦ ଭୋଇ, କ୍ଷେତ୍ରୀୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ସୁବ୍ରତ ପ୍ରଧାନଙ୍କ ଭାରତୀ ସମାଜର ସଦସ୍ୟ ମାନେ ସାମିଲ ହୋଇଥିଲେ।

## ଆଜିର ରାଶିଫଳ

| ତାରିଖ ୧୧.୨.୨୦୨୬ | ବୁଧବାର– ନବମୀ ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |
|---|---|



| | |
|---|---|
| ମେଷ | : ଚୋରି ଭୟ ରହିଛି । |
| ବୃଷ | : ହସଖୁସିରେ ଦିନ କଟିବ । |
| ମିଥୁନ | : ସ୍ତ୍ରୀ ସହଯୋଗ ପାଇବେ । |
| କର୍କଟ | : ପାକସ୍ଥଳୀପୀଡ଼ା ହେବ । |
| ସିଂହ | : ଅପବାଦ ପାଇବେ । |
| କନ୍ୟା | : ଅର୍ଥଲାଭ ଯୋଗ ରହିଛି । |
| ତୁଳା | : ଖୁସି ଖବର ପାଇବେ । |
| ବିଛା | : ସ୍ତ୍ରୀ ସମ୍ପତ୍ତି ଲାଭ ହେବ । |
| ଧନୁ | : ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିବେ । |
| ମକର | : ଧନଲାଭ ହେବ । |
| କୁମ୍ଭ | : ଦିନଟି ଖୁସିର ଦିନ ହେବ । |
| ମୀନ | : କର୍ମକ୍ଷେତ୍ରରେ ଭଲ କାମ କରି ଖୁସି ହେବେ । |

# ରାସ୍ତା କାମ ପାଇଁ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ

**୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ର ବା ରାଜ୍ୟ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ରାସ୍ତା ତିଆରି କରୁଛନ୍ତି ସତ ମାତ୍ର ତା'ର କାର୍ଯ୍ୟର ଅବଧି ତଥା କାର୍ଯ୍ୟର ମାନ ତଦାରଖରେ ଅହେତୁକ ଅନୁକମ୍ପା ଯୋଗୁଁ ରାସ୍ତା ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାଇଁ ଯମଯନ୍ତ୍ରଣା ପାଲଟିଛି । ଏହାର ଉଦାହରଣ ସ୍ୱରୂପ ବୈଶିଙ୍ଗା– ମାଣତ୍ରୀ ଆର୍‌ଡି. ରାସ୍ତା ଲୋକଙ୍କ ନିଦ ହଜାଇ ଦେଇ ସାରିଲାଣି ଏହି ରାସ୍ତା ରାଜ୍ୟ ସରକାରଙ୍କ ରାଜ୍ୟ ରାଜପଥର ମାନ୍ୟତା ପାଇଛି । ଠାକୁରମୁଣ୍ଡାରୁ ଉଦଳା–ବୈଶିଙ୍ଗା – ବରହମପୁର ଠାରେ ୬୦ ନଂ ଜାତୀୟ ରାଜପଥରେ ସଂଯୋଗ ହେବା ପାଇଁ ଚାରି ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର ବର୍ତ୍ତମାନ ସୁଦ୍ଧା ଅଧା କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ । ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି କାର୍ଯ୍ୟର ଅବଧି ବଢ଼ି ବଢ଼ି ଯିବା ସହିତ ବଜେଟ୍ ମଧ ବଢି ବଢି ଚାଲୁଥିବାରୁ କାର୍ଯ୍ୟ ସାରିବାକୁ ଠିକାଦାର ଇଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି । ପାଦଚଲା ଲୋକଙ୍କ ଠାରୁ ସାଇକେଲ, ବାଇକ୍, କାର ସମେତ ବସ ଟ୍ରକ୍ ସମସ୍ତଙ୍କ ପାଇଁ ଦୁଃଖ ଆଣିଦେଇଛି । ତା' ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଘର କରିଥିବା ଲୋକଙ୍କ ଦୁର୍ଦ୍ଦଶା ଦୁଇ ଗୁଣ ବଢିଯାଇଛି । ବର୍ଷା ଛାଡି ଯିବା ପରେ ରାସ୍ତାର ଧୂଳି ସମସ୍ତଙ୍କୁ କଷ୍ଟ ଦେଉଛି । ବାରମ୍ବାର ଅଭିଯୋଗ କରିବା ପରେ ମଧ ନା ଠିକାଦାର ନା ପ୍ରଶାସନ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି । ଏଥି ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଚାଲିଥିଲେ ମଧ କୌଣସି ସ୍ଥାନରେ କିଛି ନୀତି ନିୟମରେ କାର୍ଯ୍ୟ ହେଉନଥିବାର ଅଭିଯୋଗ ହେଉଛି । ରାସ୍ତା ମଝିରେ ଉତ୍ତରପାଳ– ବିଜିପୁର ନିକଟରେ ନିର୍ମାଣାଧିନ ପୋଲଟି ୪ ବର୍ଷ ମଧରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରୁନାହିଁ । ଠିକାଦାର ଙ୍କଏଭଳି ମନଇଚ୍ଛା କାର୍ଯ୍ୟ ପାଇଁ ପ୍ରଶାସନ ନୀରବ ରହିବା ଘଟଣା ଉଭୟଙ୍କ ମଧରେ ମଧୁଚନ୍ଦ୍ରିକା ଚାଲି ଥିବାର ଅଭିଯୋଗ ହେଉଛି । ତୁରନ୍ତ ଏହାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

## ୧୧ ଶିଶୁ ଶ୍ରମିକ ଉଦ୍ଧାର

**ରାୟଗଡ଼ା, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାନ୍ଦିଲି ଥାନା ଅଧୀନ ଜେ.କେ.ପୁର ଅଞ୍ଚଳର ଭାକୁରୁଗୁଡ଼ା ଅବସ୍ଥିତ ଏସ୍‌ଏସ୍‌ବି ଇଟାଭାଟିରେ ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତି ହେଉଥିବା ସମ୍ପର୍କରେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ଗତ ୯ ତାରିଖ ସକାଳ ପ୍ରାୟ ୧୦.୩୦ଟା ସମୟରେ ଜିଲ୍ଲାପାଳ ରାୟଗଡ, ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ରାୟଗଡ, ରମେଶ କୁମାର ଜେନାଙ୍କ ନେତୃତ୍ୱରେ ବିଷ୍ଣୁ ଚରଣ ନାୟକଙ୍କ, ସହାୟକ ଶ୍ରମ ଅଧିକାରୀ, କାଶୀପୁର ଓ ରାୟଗଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ରାୟଗଡା ଓ ଖଣି ଅଧିକାରୀ, ରାୟଗଡା ଏକ ଯୁକ୍ତ ଯାଞ୍ଚ ଦଳ ଇଟାଭାଟିରେ ଚଢ଼ାଉ କରିଥିଲେ । ଯାଞ୍ଚ ସମୟରେ ମୋଟ ୩୯ ଜଣ ଶ୍ରମିକ ଇଟାଭାଟି ପ୍ରାଙ୍ଗଣରେ ବସବାସ କରୁଥିବା ଜଣାପଡ଼ିଥିଲା, ଯାହାମଧ୍ୟରୁ ୧୩ ଜଣ ଶିଶୁ ଥିଲେ । ସେଥିରୁ ୧୧ ଜଣ ଶିଶୁ ଓ କିଶୋର ଶ୍ରମିକଙ୍କୁ ଶ୍ରମ କାର୍ଯ୍ୟରେ ନିଯୁକ୍ତ କରାଯାଇଥିବା ଚିହ୍ନଟ ହୋଇଥିଲା, ଯେତେବେଳେ ୭ ଜଣ ଶିଶୁ ତାଙ୍କ ପିତାମାତାଙ୍କ ସହ ରହୁଥିଲେ ।

ତଦନ୍ତରେ ପ୍ରକାଶ ପାଇଛି ଯେ ଇଟାଭାଟି ମାଲିକ ଜି.ଏମ. କିନ୍ଦିଆ ଓ ଟି. ଏଶ୍ୱର ରାଓ ଶ୍ରମିକମାନଙ୍କୁ ଅଗ୍ରିମ ଧନରାଶି ପ୍ରଦାନ କରି ୬ ମାସ ପର୍ଯ୍ୟନ୍ତ କାମ କରିବାକୁ ବାଧ କରୁଥିଲେ । ୨୫ ଜଣ ଶ୍ରମିକଙ୍କୁ ଅଗ୍ରିମ ଦିଆଯାଇଥିଲା । ଶ୍ରମିକମାନଙ୍କୁ ଦିନକୁ ୧୪ ଘଣ୍ଟାରୁ ଅଧିକ ସମୟ କାମ କରାଯାଉଥିବା ସହ ସପ୍ତାହକୁ ମାତ୍ର କମ ଟଙ୍କା ଖାଦ୍ୟ ଖର୍ଚ୍ଚ ଭାବେ ଦିଆଯାଉଥିଲା । ଶ୍ରମିକମାନେ ଅସ୍ୱଚ୍ଛ ଓ ବିପଦପୂର୍ଣ୍ଣ ପରିବେଶରେ ବସବାସ କରୁଥିବା ସହ ଚିକିତ୍ସା ସୁବିଧାର ମଧ ଅଭାବ ଥିବା ଅଭିଯୋଗ କରିଛନ୍ତି । କାମ ଛାଡ଼ିଲେ ଭୟଭୀତ କରାଯାଉଥିବା ମଧ ତାଙ୍କ ବିବୃତ୍ତିରୁ ପ୍ରକାଶ ପାଇଛି । ଏ ସମ୍ପର୍କରେ ସହାୟକ ଶ୍ରମ ଅଧିକାରୀଙ୍କ ଦ୍ୱାରା ଚାନ୍ଦିଲି ଥାନାରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ରିପୋର୍ଟ ଦାଖଲ କରାଯାଇଛି ।

## ଗୋଟିଏ ରାତିରେ ୬ଟି ଘରୁ ଚୋରି

**ଖଣ୍ଡପଡ଼ା, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମର ୬ଟି ଘରୁ ଲୁଟେରାମାନେ ରବିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ସମେତ ନଗଦ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ସାଇନଟିଫିକ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ବସନ୍ତପୁର ଗ୍ରାମରେ ପହଞ୍ଚି ଚୋରି ଘଟଣାର ଖୋଳତାଡ କରିଥିବା ଜଣାଯାଇଛି । ଲୁଟେରାମାନେ ସଂଘବଦ୍ଧ ଭାବେ ଗୋବର୍ଦ୍ଧନ ସାହୁ, ସପନୀ ଦାଶ, ବିଦ୍ୟାଧର ବେହେରା, କୁଳମଣି ବେହେରା, ବୈଷ୍ଣବ ସାହୁ, ସନ୍ତୋଷ ସାହୁଙ୍କ ବାସଗୃହରେ ପ୍ରବେଶ କରି ସୁନା, ରୁପା ଓ ନଗଦ ଟଙ୍କା ଲୁଟପାଟ କରିଥିବା ଜଣାଯାଇଛି । ଏହି ଚୋରି ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ହାତ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଲୁଟେରାମାନଙ୍କ ଟେର ପାଇ ପାରିନି ପୋଲିସ ।

## ଫ୍ୟାନରେ ଝୁଲି ପଡ଼ିଲେ ଦମ୍ପତି

**ଯାଜପୁର, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତର କୁକୁଡ଼ା ଖାଳେଇ ଗାଁର ବାବୁଲା ମଲିକଙ୍କ ପରିବାରରେ କୌଣସି କାରଣରୁ ଗତ କିଛି ଦିନ ହେବ କଳହ ଲାଗି ରହିଥିଲା । ସୋମବାର ରାତି ପ୍ରାୟ ସାଢେ ୯ଟାରେ ଗାଁରେ ଅଷ୍ଟପ୍ରହରୀ ଚାଲୁଥିବା ବେଳେ ପୁଅ ଜଜ୍ ଓ ବୋହୂ ଝରଣା ଅଷ୍ଟପ୍ରହରୀକୁ ଆସି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେଛ ଘରେ ଯାଇ ଉଭୟେ ମିଶି ଖାଇଥିଲେ । ପରେ ପୁଅ ଜଜ ଅଷ୍ଟପ୍ରହରୀକୁ ନ ଆସିବା ହେତୁ ବାପା ବାବୁଲା ଘରକୁ ତାକୁ ଡାକିବାକୁ ଯାଇଥିଲେ । ହେଲେ କବାଟ ବନ୍ଦ ଥିବାରୁ ଓ କେହି ନଶୁଣିବାରୁ କିଛି ଅଘଟଣ ସନ୍ଦେହ କରି କବାଟ ଭାଙ୍ଗିଥିଲେ । ଉଭୟେ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

### ୪ ବର୍ଷର ବିଜେଡି କାଉନସିଲ ବନାମ ୧୯ ମାସର ବିଜେପି ସରକାର

# ଛକାପଞ୍ଝା ଭିତରେ କବିସୂର୍ଯ୍ୟନଗର ଏନଏସି

**କବିସୂର୍ଯ୍ୟନଗର, ୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**




- ଅଧାଗଢା ବିକାଶ ଭିତରେ ଅଚଳ ମାଲ ମାଲ ପ୍ରକଳ୍ପ
- ଟେଣ୍ଡର ଅପେକ୍ଷା ରେ କୋଟି କୋଟି ଟଙ୍କାର ପ୍ରକଳ୍ପ..
- କାମ ନହୋଇ ଫେରିଗଲା ଲକ୍ଷାଧିକ ଟଙ୍କା ଅନୁଦାନ
- କିଏ ସାଜିଛି ବିକାଶର ବାଧକ?

ବିକାଶ ସ୍ୱପ୍ନ ଦେଖାଇ ଭଣ୍ଡାଇ ଚାଲିଛନ୍ତି କବିସୂର୍ଯ୍ୟନଗର ବାସୀଙ୍କୁ । ରାଜନୈତିକ ପାଶାପାଲିରେ ଛନ୍ଦି ହୋଇପଡିଛନ୍ତି କବିସୂର୍ଯ୍ୟନଗର ବାସୀ । ମାଲ ମାଲ ନେତା, ନିରଙ୍କୁଶ ଶାସନ ବ୍ୟବସ୍ଥାରେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି କବିସୂର୍ଯ୍ୟନଗର ବାସୀ । ଏଠି କିଏ କାହାର ନାହିଁ, ସହରବାସୀଙ୍କ ସହିଷ୍ଣୁତାର ସୁଯୋଗ ନେଇ ନିର୍ବିବାଦରେ ସରକାରୀ ଅନୁଦାନ ଲୁଟ ହେଉଛି । ଆଉ ଲୁଟିବା ପାଇଁ ଚାଲେ ପ୍ରତିଦ୍ୱନ୍ଦ୍ୱିତା । ଯାହା ସୂଚନା ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହର ବିକାଶ ଠାରୁ ବହୁ ପଛରେ ରହିଯାଇଛି । କମିଶନରେ ଚାଲିଛି ଶାସନ ବ୍ୟବସ୍ଥା । ମାଲ ମାଲ ପ୍ରକଳ୍ପ ନିର୍ମାଣ କରି ଅଚଳ କରାଯାଇଛି ତ କେତେବେଳେ ସରକାରୀ ଅନୁଦାନ ଖର୍ଚ୍ଚ ନକରି ଫେରିଯାଇଛି । ଏବେ ଅଧାଗଢା ବିକାଶ ଭିତରେ କୋଟି କୋଟି ଟଙ୍କାର କାମ ବିବାଦରେ ପଡିରହିଥିବା ସୂଚନା ମିଳିଲାଣି । ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି ଯେ ସହରରେ ଲାଗିଥିବା ୩ଟି ହାଇମାକ୍ସ ଲାଇଟ ଆଉ କାର୍ଯ୍ୟକ୍ଷମ କରାଯାଉନି ସହରର ସମ୍ବେଦନଶୀଳ ଅଞ୍ଚଳ ବ୍ୟାଙ୍କ ଛକ, ନୂଆ ବସ୍‌ଷ୍ଟପ ଏବଂ ବନଦେବୀ ମନ୍ଦିର ଛକରେ ଲାଇଟ ଖଞ୍ଜାଯାଇଥିଲେ ମଧ କାର୍ଯ୍ୟକ୍ଷମ କରାଯାନାହିଁ । ସେହିପରି ୩ଟି ପୋଖରୀ କାମ ପାଇଁ ଆସିଥିବା ୩ କୋଟି ଟଙ୍କାର କାମ ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପ୍ରାୟ ୩ଲକ୍ଷ ଟଙ୍କା ଫେରିଯାଇଥିବା ସୂଚନା ମିଳିଛି । ପୁଣି ମାର୍ଚ୍ଚ ଶେଷରେ ବଳକା ଟଙ୍କା ଫେରିଯିବା ଆଶଙ୍କା କରାଗଲାଣି । ସେହିପରି ଏହି ଯୋଜନାରେ ପ୍ରାୟ ୧ କୋଟି ୪୮ ଲକ୍ଷ ଟଙ୍କାର ୧୮ଟି କାର୍ଯ୍ୟ କାଉନସିଲ ବୈଠକରେ ଅନୁମୋଦନ ପାଇଥିଲେ ମଧ କରାଯାଉନାହିଁ । ସେହିପରି ସବୁ ସାହିରେ ରାସ୍ତା, ଡ୍ରେନ ଭାଙ୍ଗି ଭୁଶୁଡି ପଡିଛି, ଲୋକଙ୍କ ଅସନ୍ତୋଷ ପରେ କାଉନସିଲ ବୈଠକରେ ପ୍ରାୟ ୪୦ଟି ରାସ୍ତା ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତି ସରିଥିଲେ ମଧ କାର୍ଯ୍ୟ ଗୁଡିକୁ ଟେଣ୍ଡର କରାଯାଉନାହିଁ । ରାଜନୈତିକ ଚାପରେ କୁଆଡେ କାର୍ଯ୍ୟନିର୍ବାହୀ ଅଧିକାରୀ ଅସହଯୋଗ କରୁଥିବା ଆଲୋଚନା ହେଉଥିବା ବେଳେ ବିଜେଡି ନେତୃତ୍ୱାଧୀନରେ ରହିଛି କବିସୂର୍ଯ୍ୟନଗର ଏନଏସି କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ଶାସକ ବିଜେପିର ଗୋଟିଚାଳନା ଏଠି ବିକାଶ ବାଧା ପ୍ରାପ୍ତ ଦେଖାଦେଇଛି ବୋଲି ଆଲୋଚନା ହେଉଛି । ଆଗକୁ ନୂଆ ମ୍ୟୁନିସିପାଲିଟି ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲାଣି । ଏପଟେ ସହର ସାରା ଭଙ୍ଗା ଦଦରା ରାସ୍ତା ଘାଟ, ମାଲ ମାଲ ଅଚଳ ପ୍ରକଳ୍ପ ସତ୍ତ୍ୱେ ସରକାରୀ ଦଳର ଅମାନୁଷିକ ଚାପ କବିସୂର୍ଯ୍ୟନଗର ବାସୀଙ୍କୁ ଅତିଷ୍ଠ କରିଲାଣି । ଯଦିଓ ଦିନରେ ଦୁର୍ନୀତି ଅନୀତିର ଅଭିଯୋଗ ଆଣୁଥିବା ବିଜେପି ଏବେ ସରକାର ଆସିବା ୧୯ ମାସ ପରେ ବି ୧୯ ଟଙ୍କାର ଦୁର୍ନୀତି ଧରି ପାରିନଥିବା ଏଠି ସରକାରୀ କଳର ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ହେଲେ କବିସୂର୍ଯ୍ୟନଗର ଏନଏସିରେ ବିଜେଡିର ପୁରା ସଂଖ୍ୟାଗରିଷ୍ଠତା ଥାଇ କାଉନସିଲ ବୈଠକରେ କୋଟି କୋଟି ଟଙ୍କାର କାମ ଅନୁମୋଦନ କରିବା ପରେ କିଏ ସାଜିଛି ଟେଣ୍ଡରରେ ବାଧକ ତାହାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଯଦିଓ କବିସୂର୍ଯ୍ୟନଗର ବିଧାୟକ କବିସୂର୍ଯ୍ୟନଗର ବିକାଶ କଥା କହୁଛନ୍ତି ତାହାଲେ ସରକାରୀ ଅନୁଦାନ ପଡିରହିଛ । କାହିଁକି କାମ କରିବାକୁ ନିର୍ଦ୍ଦେଶ ଦେଉନାହାନ୍ତି କିମ୍ବା ସହଯୋଗ କରୁନାହାନ୍ତି ଲୋକେ ପ୍ରଶ୍ନ କଲେଣି । ୪ ବର୍ଷର ବିଜେଡି କାଉନସିଲ ଗୋଟେ ପ୍ରକାର ଅଚଳ ଅବସ୍ଥାରେ ଥିବାବେଳେ ୧୯ ମାସର ବିଜେପି ସରକାରର ନୀରବତା ଆଜି ସହରବାସୀଙ୍କ ପାଇଁ ବିଶ୍ୱାସଘାତ ସାଜିଛି । ଏଣୁ କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି ଆଗୁଆ ନିର୍ବାଚନ ପୂର୍ବରୁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ କବିସୂର୍ଯ୍ୟନଗର ବାସୀ ଦାବି କଲେଣି । ହେଲେ ଟେଣ୍ଡର ନକରିବା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି ।

## ଚୋରା ଗଞ୍ଜେଇ ବେପାରୀ ଗିରଫ

**କୁଜଙ୍ଗ, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୁଜଙ୍ଗ ପୋଲିସ ସୋମବାର ଦିନ ଜଣେ ଚୋରା ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ୩ କିଗ୍ରା ୭୬୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ଗିରଫ ଗଞ୍ଜେଇ ବେପାରୀ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିପାରି ଗ୍ରାମର ସଞ୍ଜୟ ମହାପାତ୍ର(୫୯) । ସୂଚନା ଥାଉକି, ସଞ୍ଜୟ ଜଣେ ନିୟମିତ ଚୋରା ଗଞ୍ଜେଇ ବେପାର କରି ଆସୁଥିଲେ । ହେଲେ ସୋମବାର ସକାଳ ୯ଟା ବେଳେ ବାଲିପାରି ଛକ ନିକଟରେ ଗଞ୍ଜେଇ ବିକ୍ରି କରୁଥିବାର ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ସବ୍ ଇନ୍ସପେକ୍ଟର ଅଜୟ ଅର୍ଜୁନ ଖଣ୍ଡଗିରିଙ୍କ ନେତୃତ୍ୱରେ ପୋଲିସ ଚଢାଉ କରି ତାକୁ କାବୁ କରି ନେଇଥିଲେ । କୁଜଙ୍ଗ ପୋଲିସ ଏକ୍‌ଜିକ୍ୟୁଟିଭି ମାଜିଷ୍ଟ୍ରେଟ ଓ ଅନ୍ୟ ତିନି ଜଣ ସାକ୍ଷୀଙ୍କ ଉପସ୍ଥିତରେ ସଞ୍ଜୟ ନିକଟରୁ ୩ କିଗ୍ରା ୭୬୦ ଗ୍ରାମ ଗଞ୍ଜେଇ ସମେତ ତିନିଟା ମୋବାଇଲ ଫୋନ, ଓଆର୨୧ଇ ୦୭୮୨ ନମ୍ବର ଯୁକ୍ତ ହିରୋହୁଣ୍ଡା ମୋଟର ସାଇକେଲ ଓ ନଗଦ ୫୪୦ ଟଙ୍କା ଜବତ କରିବା ସହ କୋର୍ଟ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ମହିଳାଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ

**ବୈଶିଙ୍ଗା, ୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅର୍ନ୍ତଗତ ଖଡିକାପଦା ଗ୍ରାମର ୨୭ ବର୍ଷିୟା ଶେଫାଳୀଙ୍କ ଜୀବନ ପାରିବାରିକ ହିଂସାର ଶିକାର ହୋଇ ଦୁର୍ବିସହ ହୋଇପଡ଼ିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଘଟଣାରୁ ପ୍ରକାଶ ଯେ ଉତ୍ତମ ଦାସଙ୍କ ଝିଅ ଶେଫାଳୀ ବାଲେଶ୍ୱର ଜିଲ୍ଲାର ରୁପ୍ସା ଥାନା ଅର୍ନ୍ତଗତ ଆଙ୍କ ଗ୍ରାମର ପର୍ଶୁରାମ ବେହେରାଙ୍କ ପୁଅ ପ୍ରଶାନ୍ତଙ୍କୁ ୭ ବର୍ଷ ତଳେ ବିବାହ କରିଥିଲେ । ତେବେ ଗତ ପ୍ରାୟ ବର୍ଷେ ହେବ ପ୍ରଶାନ୍ତ ମଦ୍ୟପାନ କରି ଉତ୍ପାତ କରୁଥିବା ବେଳେ ରାତିରେ ଫେରି ଶେଫାଳୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ପାଇଁ ଚେଷ୍ଟା କରିଥାନ୍ତି । ବିରୋଧ କଲେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥାନ୍ତି ।

ଶେଫାଳୀ ତିନିଥର ସ୍ୱାମୀଙ୍କ ଦୌରାତ୍ମ୍ୟ ବାବଦରେ ରୁପ୍ସା ଥାନାରେ ଅଭିଯୋଗ କରିଛନ୍ତି । ପ୍ରଶାନ୍ତଙ୍କୁ ଥାନାକୁ ଡ଼କାଇ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ପ୍ରଶାନ୍ତଙ୍କୁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇ ଛଡାଯାଇଛି । ମାତ୍ର ତାଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ନହେବା ଯୋଗୁଁ ଅନ୍ୟ ଉପାୟ ନପାଇ ଶେଷରେ ଶେଫାଳୀ ଶାଶୁଘର ଛାଡ଼ି ବାପଘରେ ରହିବାକୁ ବାଧ ହୋଇଥିଲେ । ହେଲେ ସେଠାରେ ପ୍ରଶାନ୍ତ ଗତ ଜାନୁଆରୀ ମାସ ୨୯ ତାରିଖ ଦିନ ପହଞ୍ଚି ତାଙ୍କ ସହିତ ଯିବାପାଇଁ ବାଧ କରିଥିଲେ । ମାତ୍ର ସେ ରାଜି ନହେବାରୁ ଉତ୍ତ୍ୟକ୍ତ ହୋଇ ମାରପିଟ୍ କରି କ୍ଷତବିକ୍ଷତ କରିପକାଇଲେ ଏବଂ ୬ ବର୍ଷର ଝିଅ ଶ୍ରେୟାଂସିକୁ ଧରି ପଳାଇ ଯାଇଥିଲେ । ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ଥିବା ଯୋଗୁଁ ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜରେ ଚିକିତ୍ସା କରାଯାଇ ସେ ସୁସ୍ଥ ହେବା ପରେ ରବିବାର ବୈଶିଙ୍ଗା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶରେ ଏସ୍ ଆଇ ସରୋଜ କୁମାର ଜେନାଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି ।

## ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଫିସରଙ୍କ ଦବଙ୍ଗଗିରି

**ଢେଙ୍କାନାଳ, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ୍ ଇନଚାର୍ଜ୍ ଅଫିସରଙ୍କ ଦବଙ୍ଗଗିରି ଚରମସୀମାରେ ପହଞ୍ଚିଛି । ସୂଚନା ଅନୁଯାୟୀ ଦୀର୍ଘଦିନ ଧରି ରହିଥିବା ମେଡିକାଲ୍ ଅଫିସର୍ ସମସ୍ତ କର୍ମଚାରୀମାନଙ୍କୁ ଭୟଭୀତ କରାଇବା ସହ ସରକାର ଦେଉଥିବା ଅନୁଦାନକୁ ହଡପ କରୁଥିବାର ଅଭିଯୋଗ ହେଉଛି । ଯାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଏହି ଘଟଣାକୁ ନେଇ ବିଭାଗୀୟ ଅଧିକାରୀ ଏବଂ ମନ୍ତ୍ରୀଙ୍କୁ ଜଣାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ମେଡିକାଲ୍ ପରିଦର୍ଶନ କରିଥିବାବେଳେ ଏକାଧିକ ସରପଞ୍ଚ ମଧ ସମାନ ଅଭିଯୋଗ ଆଣିଛନ୍ତି ଆଶାକର୍ମୀମାନଙ୍କୁ ଆସୁଥିବା ଟ୍ରେନିଂ ସମ୍ବନ୍ଧୀୟ ଅନୁଦାନ ନଦେବା, ଜନ୍ମ ଓ ମୃତ୍ୟୁ ସାର୍ଟିଫିକେଟ୍ ପ୍ରଦାନବେଳେ ଅର୍ଥ ଦାବି କରିବା ଆଦି ଅଭିଯୋଗ ସାମ୍ନାକୁ ଆସିଛି । ଜରୁରିକାଳୀନ ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ଚିକିତ୍ସା ନ କରାଇ ଗେଟ୍ ସମ୍ମୁଖରୁ ଫେରାଇ ଦେଉଛନ୍ତି । ଏପରିକି କୁକୁର କାମୁଡ଼ା ଓ ସାପ କାମୁଡା ରୋଗୀ ଇକେସନ୍ ନେବାକୁ ଆସୁଥିବାବେଳେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଫେରାଇ ଦିଆଯାଉଥିବାର ମଧ ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ଏହାକୁ ନେଇ ୧୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ କ୍ଷୁବ୍ଧ ହୋଇଛନ୍ତି । ଆସିଥିବା ତଦନ୍ତ କମିଟି ଆଗରେ ଗୋଟି ଗୋଟି କରି ଖୋଲିଛନ୍ତି ଅଭିଯୋଗର ଫର୍ଦ୍ଦ । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ କି ହିନ୍ଦୋଳର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୮ ଗୋଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ନିଯୁକ୍ତ ହୋଇଥିବା ସଫେଇ କର୍ମଚାରୀଙ୍କୁ ରେକର୍ଡରେ ମାସିକ ୩ ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ତାଙ୍କ ବ୍ୟାଙ୍କ୍ ଖାତାକୁ ଏହି ସ୍ୱୟଂ ସହାୟକ ଗ୍ରୁପ୍ କେବଳ ୨ ହଜାର ୫ ଶହ ଟଙ୍କା ପ୍ରଦାନ କରୁଥିବା ଜଣାପଡିଛି । ବାରମ୍ବାର ଏ ନେଇ ଅଭିଯୋଗ ହେଇଆସୁଥିଲେ ମଧ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିଲେ। ଯାହାଫଳରେ ଦିନକୁ ଦିନ ଏପରି ମନମାନୀ ବୃଦ୍ଧି ପାଇଛି । ଏହା ମେଡିକାଲ୍ ଅଫିସରଙ୍କ ଜାଣତରେ ହେଉଛି, ନା ଅଜାଣତରେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଗଁଦିଆରେ ନୂତନ ଏନ୍‌ଏସିର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଦାବି

**ଢେଙ୍କାନାଳ, ୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଁଦିଆ ଠାରେ ନୂତନ ଏନ୍‌ଏସିର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସୋମବାର ଏକ ଦାବି ପତ୍ର ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ନୂତନ ଭାବରେ ଗଠନ ହୋଇଥିବା ଉକ୍ତ ଗଁଦିଆ ଏନ୍‌ଏସିରେ ଗଁଦିଆ ଓ ପୋରହଖୋଜ ଏହି ଦୁଇ ଗ୍ରାମ ପଞ୍ଚାୟତ ସହିତ ବିଧାରପୁର ପଞ୍ଚୟତର ସାପୁଆଝର ଗ୍ରାମ ଓ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ରାଜସ୍ୱ ଗ୍ରାମ ସହିତ ମୁଗପଦା ପଡାଗ୍ରାମକ ନେଇ ଏହି ଏନ୍‌ଏସି ରୂପ ରେଖର ନକ୍ସା ପ୍ରସ୍ତୁତ ହୋଇଛି । ଉକ୍ତ କାର୍ଯ୍ୟାଳୟକୁ ନେଇ ବର୍ତ୍ତମାନ ବିବାଦ ମୁଣ୍ଡ ଟେକୁଛି । ଗଁଦିଆରେ ଉକ୍ତ କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି ଜୋର ଧରିଛି । ଏହାର ପ୍ରମୁଖ କାରଣ ହେଉଛି ଦୀର୍ଘ ଦିନ ଧରୀ ଆଙ୍କୁର୍ଦା, ବାଙ୍ଗଲ, ଶ୍ରୀରାମଚପୁର, ଇଲେଇଜଙ୍ଗ, ଛତାଖୁମ୍ବ ଓ ମୁଗପଦା ଗ୍ରାମ ଗୁଡିକ ବିକାଶ ଠାରୁ ବହୁତ ଦୂରରେ ଅଛି । ଯଦି ଉକ୍ତ ନୂତନ କାର୍ଯ୍ୟାଳୟଟି ଗଁଦିଆରେ କରାଯାଏ ତାହାଲେ ଆଗାମୀ ଦିନ ମାନଙ୍କରେ ଏହି ସବୁ ଗ୍ରାମ ଗୁଡିକର ବିକାଶ ହେବା ସହିତ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛତା ଆସିପାରିବ । କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସମସ୍ତ କାର୍ଯ୍ୟାଳୟ ଗୁଡିକ ରହିବାକୁ ସାଧାରଣରେ ତାହାକୁ ନାପସନ୍ଦ କରାଯାଉଛି । ଏହିସବୁ ଦୃଷ୍ଟିକୋଣରୁ ଗଁଦିଆ ଠାରେ ନୂତନ ଏନ୍‌ଏସି କାର୍ଯ୍ୟାଳୟ ପାଇଁ ଗଁଦିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁଙ୍କର ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ମା' ତାରିଣୀ ମନ୍ଦିର ଛକ ଠାରୁ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲା । ଉକ୍ତ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗଁଦିଆ ଠାରେ ନୂତନ ଘଇଉ କାର୍ଯ୍ୟାଳୟ ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ । ତତ ସହିତ ଅନୁରୂପ ଭାବରେ ଏକ ଦାବି ପତ୍ର ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ଗଁଦିଆ ଗ୍ରାମ ସଭାପତି ମଙ୍ଗରାଜ ବାରିକି, ପୂର୍ବତନ ଗଁଦିଆ ଗ୍ରାମ ସଭାପତି ସଚ୍ଚିଦାନନ୍ଦ



ଶୋଭାଯାତ୍ରାରେ ପୁରୁଷ ମହିଳା ଯୁବକ ଗୋଷ୍ଠୀ ସବୁ ସାମିଲ ହୋଇ ଗଁଦିଆରେ ନୂତନ ଏନ୍‌ଏସି କାର୍ଯ୍ୟାଳୟ ଆମର ଦାବି ସ୍ଲୋଗାନ ମାନ ଦେଉଥିବାର ଦେଖିବାକୁ ମିଳିଥିଲା । ଉକ୍ତ ଶୋଭାଯାତ୍ରାରେ ମହିଳା ସଂର୍କିତନ ମଣ୍ଡଳୀ ସାମିଲ ଥିଲେ । ବ୍ଲକ କାର୍ଯ୍ୟାଳୟ ଠାରେ ଘଇଉ କାର୍ଯ୍ୟ ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କୁ ମଞ୍ଚର ସଭାପତିଙ୍କ ବେହେରା, ରାମଚନ୍ଦ୍ର ସାହୁ, ହଟନାଥ ରାଉତ, ପ୍ରତାପ ଦାସ, ଦମ୍ବରୁ ଧର ସେଠୀ କମଳ ଲୋଚନ ସେଠୀ, ରବିନାରାୟଣ ସେଠୀ, ମଳୟ କୁମାର ଜେନା, ପ୍ରଭାକର ବେହେରା, ନୀଳାମ୍ବର ବେହେରା, ପ୍ରଶାନ୍ତ କୁମାର ଭୂତିଆ,କୃଷ୍ଣ ଚନ୍ଦ୍ର ଭୂତିଆ ଈଶ୍ୱର ଦେହୁରୀ ଆମ୍ବୁଜ ମହାରଣା, ବନମାଳୀ ବାରିକଙ୍କ ସମେତ ଶତାଧିକ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ତାଳବଣିଆ ଜଙ୍ଗଲ ଏବେ ଜରିମୟ, ମଧୁର ଜଳସ୍ତର ହ୍ରାସ

**ପୁରୀ, ୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ପରିଚୟ ଖୋଜୁଛି ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରସିଦ୍ଧ ସ୍ଥାନ ତାଳବଣିଆ । ମହାପ୍ରଭୁଙ୍କ ଶ୍ରୀମନ୍ଦିର ପାଇଁ ଏହିଠାରୁ ତାଳ ପତ୍ର ଯାଇ ଭୋଗେଇ ପ୍ରସ୍ତୁତ ହେଉଥିଲା । ଏବେ ତାଳ ଗଛ ଦେଖିବା ତ ସ୍ୱପ୍ନ ସମଗ୍ର ତାଳବଣିଆ ଅଞ୍ଚଳ ବିପର୍ଯ୍ୟସ୍ତ ପଡ଼ିଛି । ଅଳିଆ ହୋଇଗଲାଣି ତାଳବଣିଆ । ବେଲଗାମ୍ ଭୋଜିରୁ ବାହାରୁଥିବା ବର୍ଜ୍ୟବସ୍ତୁ ସେଠାରେ ଗଦା ହେଉଛି । ୧୦୦ ଏକର ଭଳି ଜଙ୍ଗଲ ଜରିମୟ ହେଲାଣି । ଏପଟେ ତାଳବଣିଆରେ ଜରି ଗଦା ହେବାରେ ବର୍ଷା ଜଳ ସଂରକ୍ଷଣରେ ବାଧା ଉପୁଜି ମଧୁର ଜଳସ୍ତର ମଧ ହ୍ରାସ ପାଉଛି । ବିଭିନ୍ନ ସମୟରେ ତାଳବଣିଆ ପରିବେଶରେ ସୁଧାର ପାଇଁ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଉଦ୍ୟମ କରିଛନ୍ତି । ହେଲେ ସରକାରଙ୍କ ଆନ୍ତରିକତା ନରହିବାରେ ତାଳବଣିଆ ଅଞ୍ଚଳ ଏବେ ଅନାଥ ଭଳି ପଡ଼ିଛି ।

ସହର ଭିତରେ ଏତେ ବଡ଼ ଜଙ୍ଗଲ କହିଲେ କେବଳ ତାଳବଣିଆ । ଦଶନ୍ଧି ଦଶନ୍ଧି ଧରି ଅବହେଳିତ ତଥା ଟାଙ୍ଗରା ପଡ଼ିଥିବା ଅଞ୍ଚଳରେ ୧୨/୧୪ ବର୍ଷ ପୂର୍ବେ ବନ ବିଭାଗ ବିଭିନ୍ନ ରକମର ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଥିଲା । ପରେ ବିସ୍ତୀର୍ଣ୍ଣ ଜଙ୍ଗଲକୁ ସ୍ୱଳ୍ପ କର୍ମଚାରୀଙ୍କୁ ଜଗାଇ ତାଳବଣିଆ ଯତ୍ନ କଥା ପୂରା ପାସୋରିଗଲା ପ୍ରଶାସନ । ଇତିମଧରେ ସରକାରଙ୍କ ନାକ ତଳେ ତାଳବଣିଆ ଅଳିଆବଣ ଓ ଅସାମାଜିକ କାର୍ଯ୍ୟର ପେଣ୍ଠରେ ପରିଣତ ହେଲା । ଭୋଜି ବାର ପଡ଼ିଲେ ଶହ ଶହ ବ୍ୟକ୍ତି ଭୋଜି କରୁଛନ୍ତି । ମଦ ମାଂସର ଆସର ଜମୁଛି । ଏପରିକି ଅନେକ ସମୟରେ ସିଗାରେଟ୍ ଖୁଲ ହେଉ କି ଚୁଲିରୁ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଛି । ଭୋଜିରୁ ବାହାରୁଥିବା ବର୍ଜ୍ୟବସ୍ତୁ ସେହିଠାରେ ଗଦା ହେଉଛି । ପୁଣି କିଛି ବ୍ୟକ୍ତି ଓ ଖାଦ୍ୟ ଦୋକାନୀ କଠିନ ମଇଳା ଆଣି ତାଳବଣିଆରେ ଗଦାଉଛନ୍ତି । କୌଣସି ବ୍ୟବସ୍ଥା କିମ୍ବା ନିୟମ ନଥାଇ ଏତେ ବଡ଼ ଜଙ୍ଗଲକୁ ସ୍ୱଳ୍ପ ବନ ବିଭାଗ କର୍ମଚାରୀ ଜଗିବା ମୁସ୍କିଲ ହେଉଛୀ ।

ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଜଙ୍ଗଲର ବାପା ମା' କେହି ନଥିବାରେ ଅସାମାଜିକଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି । ନିଶା ବେପାର ଠାରୁ ବନ୍ଧୁକ କାରବାର ଓ ସହରରେ ବିଭିନ୍ନ ଅପରାଧର ବ୍ଲୁପ୍ରିଣ୍ଟ ତିଆରି ହେଉଛି । କିଛି ଦିନ ପୂର୍ବେ ପୁଲିସ ତନାଘନା କରିଥିଲା । ପାଟ୍ରୋଲିଂ ହୁଗୁଳା ହେବାରେ ପୁଣି ଆଡ୍ଡା ଜମାଇଲେଣି ଅସାମାଜିକ । ଏଥିସହ ଜଙ୍ଗଲରେ ହରିଣ, ବିଲୁଆ, ନେଉଳ ଓ ଗଧିଆ ଆଦି ବହୁ ଜୀବଜନ୍ତୁ ରହୁଛନ୍ତି । ବାଲୁଖଣ୍ଡ ଅଭୟାରଣ୍ୟରେ ଖାଦ୍ୟାଭାବରୁ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ତାଳବଣିଆକୁ ଘର କରିନେଇଛନ୍ତି । ଖାଦ୍ୟ ସଙ୍ଗେ ଜରି ଖାଇ ସେମାନଙ୍କ ଜୀବନ ମଧ ସଙ୍କଟାପନ୍ନ ହେଉଛି ।

ଆଲୋଚକମାନେ କୁହନ୍ତି, ତାଳବଣିଆରେ ମଧୁର ଜଳ ଗଚ୍ଛିତ ନାହିଁ । ବର୍ଷା ଜଳ ମାଟି ତଳେ ସଂରକ୍ଷିତ ହୋଇ ମଧୁର ଜଳ ଭାବେ ବ୍ୟବହୃତ ହୁଏ । ଏବେ ତାଳବଣିଆରେ ବର୍ଜ୍ୟବସ୍ତୁ ଗଦା ହେବାରେ ମଧୁର ଜଳକୁ ସଙ୍କଟ ପଡ଼ିଛି । ବର୍ଷ ବର୍ଷ ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ଜରି ବାଲିରେ ଗଦା ହେବାରେ ବର୍ଷା ଜଳ ବାଲିକୁ ଭେଦୁନି । ଏଣୁ ତାଳବଣିଆରେ ମଧୁର ଜଳ ସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି ।

ତାଳବଣିଆର ଏଭଳି ଦୁରାବସ୍ଥା କିଛି ଯୁବସଙ୍ଗଠକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏନେଇ ସେମାନେ ପ୍ରଶାସନିକ ଉଦାସୀନତା ପ୍ରତି ଅଙ୍ଗୁଳି ଉଠାଇଛନ୍ତ । ଯୁବ ସଂଗଠକ ପ୍ରଦୀପ୍ତ କୁମାର ପ୍ରଧାନ, ବିପ୍ଳବ କୁମାର ଦାଶ, ଦୀପକ କୁମାର ପ୍ରଧାନଙ୍କ କହିବା କଥା, ପର୍ଯ୍ୟଟନ ସ୍ଥଳୀରେ ପ୍ରାକୃତିକ ପରିବେଶର ସୁରକ୍ଷା ସହ ଲୋକଙ୍କ ଚିତ୍ତବିନୋଦନ ପାଇଁ ବିଭିନ୍ନ ବ୍ୟବସ୍ଥା ଓ ନିୟମ ଲାଗୁ କରାଯାଉଛି । ରାମଚଣ୍ଡୀ ମନ୍ଦିର ନିକଟ ଜଙ୍ଗଲରେ ଭୋଜିଭାତ ପାଇଁ ଏକ ବ୍ୟବସ୍ଥାବଳୀ ଲାଗୁ ହୋଇଛି । ଆଗନ୍ତୁକ ଯଦି ଭୋଜି କରିବାକୁ ଚାହୁଁଛନ୍ତି ମୁଣ୍ଡ ପିଛା ଅତି କମ୍ ଅର୍ଥ ରଖି ପରିବେଶକୁ ସଫାସୁତୁରା ରଖାଯାଇପାରୁଛି । ସହର ଭିତରେ ଏକମାତ୍ର ଜଙ୍ଗଲ ହେତୁ ଲୋକେ ଆସୁଛନ୍ତି କିଛି ସମୟ ବିତାଇବା ପାଇଁ । ହେଲେ ଏଠାରେ ପ୍ରାୟତଃ ଭୋଜି ଓ ନିଶା ଆସର ଆୟୋଜିତ ହେଉଛି । ସୁରକ୍ଷା ମିଳୁ ନଥିବାରୁ ପରିବାର ଧରି ସହରବାସୀ ଏଠାକୁ ଆସିବାକୁ ମଙ୍ଗୁନାହାନ୍ତି । ଲୋକଙ୍କ ସୁବିଧା ତଥା ତାଳବଣିଆର ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟ ରକ୍ଷା ପାଇଁ ଯୁବ ସଙ୍ଗଠକମାନେ ଦାବି କରୁଛନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୧ ଫେବୃଆରୀ, ୨୦୨୬ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍


## ପ୍ରତିବଦ୍ଧତା ଗୁଣାତ୍ମକମାନ ବଜାୟ ରଖେ

ଏକ ବହୁଳ ପ୍ରସାରିତ ଖବରକାଗଜର ପ୍ରଥମ ପୃଷ୍ଠାରେ ଛପାଯାଇଥିବା ବିଜ୍ଞାପନ ଉପରେ ସକାଳେ ନଜର ପଡ଼ିଲା। ବିଜ୍ଞାପନଟିକୁ ଅଣଦେଖା କରି ମୁଁ ଭିତରକୁ ଯାଇପାରିଲିନି। ବିଜ୍ଞାପନଟି ଥିଲା– ଏକ ସାବୁନର ବିଜ୍ଞାପନ। ୧୯୧୬ ମସିହାରୁ ଏହାର ତିଆରି ଆରମ୍ଭ ହୋଇଛି । ସ୍ୱାଧୀନତାର ବହୁ ପୂର୍ବରୁ । ତତ୍କାଳୀନ ମହିଶୂର ମହାରାଜା ଶ୍ରୀ ନାଲୱାଡ଼ି କ୍ରିଷ୍ଣାରାଜା ୱାଡିଆରଙ୍କ ରାଜତ୍ୱ କାଳରେ ଏ ସାବୁନ ତିଆରି କରାଯାଇଥିଲା ରାଜ ପରିବାରର ବ୍ୟବହାର ପାଇଁ, ପରବର୍ତ୍ତୀ ସମୟରେ ବୋଧେ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇଛି । ସାବୁନର ଖୋଳ ଉପରେ ୧୯୧୬ ମସିହାରୁ ଏ ସାବୁନ ରହିଆସିଛି ବୋଲି ଲେଖାଯାଇଥିବା ସମୟରେ ବିଜ୍ଞାପନରେ କୁହାଯାଇଛି ଏହା ୧୦୮ ବର୍ଷର ପୁରାତନ ଏକ ସାବୁନର ଗୌରବମୟ ଇତିହାସ ବୋଲି । ତେଣୁ ସାବୁନର ବ୍ୟବହାର ପ୍ରଥମେ ରାଜପରିବାର ପାଇଁ କେବଳ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେଲା ବୋଧେ ! ଏବେମଧ୍ୟ କର୍ଣ୍ଣାଟକ ସରକାର ଏ ସାବୁନର ନିର୍ମାତା ଅଛନ୍ତି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଆଜିଯାଏଁ ଏହାର ଗୁଣାତ୍ମକ ମାନ ଏବଂ ବାସ୍ନା ଅତୁଟ ରହିଛି । ଯେଉଁମାନେ ଥରେ ବ୍ୟବହାର କରିଥିଲେ ସେମାନେ ଶେଷ ଯାଏଁ ଛାଡ଼ିପାରି ନାହାନ୍ତି ଏ ସାବୁନକୁ ।

ହଁ, ସାବୁନର ନାଁ ହେଲା– ମହିଶୂର ସାଣ୍ଡେଲ । ଏଥିରେ ଚନ୍ଦନ ତେଲ ମିଶାଯାଇଥାଏ ବାସ୍ନା ଏବଂ ତ୍ୱଚାର ସୁରକ୍ଷା ପାଇଁ । ଗାଧୁଆ ଘର ଆକରେ ଥିଲେ ଏହାର ମହକ ଏବେବି ମୁଗ୍ଧ କରେ ।

ପ୍ରଶ୍ନ ଉଠିପାରେ ୧୦୮ ବର୍ଷ ଧରି ସରକାରୀ ନିୟନ୍ତ୍ରଣରେ ରହିଥିବା ଏ ସାବୁନର ଗୁଣାତ୍ମକ ମାନ ଅତୁଟ ରହିଛି କେମିତି, ସେଇଟା ହିଁ ଆଶ୍ଚର୍ଯ୍ୟର ବିଷୟ ଆମ ଦେଶରେ ।

ଏଥର ଆମେ ଆସିବା ଆମ ରାଜ୍ୟରେ ସରକାରଙ୍କ ନିୟନ୍ତ୍ରଣ ଏବଂ ପରିପାଳନାରେ ଥିବା କେତେକ ଉତ୍ପାଦ ଏବଂ ସେ କାରଖାନାଗୁଡ଼ିକର ଅକାଳ ମୃତ୍ୟୁର ହିସାବକୁ । କେତେ ସଫଳ ଉତ୍ପାଦ ଆଉ କାରଖାନା ବନ୍ଦ ହୋଇଯାଇଛି ସରକାରଙ୍କ ଅପାରଗତା ପାଇଁ ।

ଓଟିଏମ୍ ମିଲ୍ କପଡ଼ାର ଗୁଣାତ୍ମକ ମାନ ଖୁବ୍ ସରସା ଥିଲା, ଏକଥା ସମସ୍ତେ ଜାଣନ୍ତି । ଦାମ୍ ମଧ୍ୟ କମ୍ ଥିଲା । ଚାହିଦା ଥିଲା କିନ୍ତୁ ବେଶି । ରାଜ୍ୟରେ ଓଟିଏମ୍‌ର ଅନେକ ଶୋ'ରୁମ୍ ଏବଂ ଭାରପ୍ରାପ୍ତ ବିକ୍ରେତା ମଧ୍ୟ ଥିଲେ । କିନ୍ତୁ ଲୋକେ ଜାଣିପାରିଲେନି ଏକ ଲାଭଜନକ ସଂସ୍ଥା ବନ୍ଦ ହେଲା କାହିଁକି? ଏଥିରେ ଜନମାନସର ନେତା ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟିର ସ୍ମୃତି ଜଡ଼ିତ ରହିଥିଲା । ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାର ପରିକଳ୍ପନା ସେ ସେତେବେଳେ ମଧ୍ୟ କରିଥିଲେ । ଅନେକ ଲୋକ କାମ କରୁଥିଲେ ସେ ମିଲ୍‌ରେ। ସେମାନଙ୍କ ପରିବାର ଚଳୁଥିଲେ ବେଶ୍ ସ୍ୱଚ୍ଛଳ ଭାବରେ । ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା ଓଟିଏମ୍ ମିଲ୍ ବନ୍ଦ ହୋଇଯିବାରୁ ।

ଅଏଲ୍ ଓଡ଼ିଶାର 'ସୁବର୍ଣ୍ଣା' ସୋରିଷ ତେଲର ଚାହିଦା ଖୁବ୍ ଥିଲା ସେତେବେଳେ । ପରିଚାଳନାଗତ ତ୍ରୁଟି ପାଇଁ ଅଏଲ୍ ଓଡ଼ିଶା ଭଳି ଏକ ଲାଭଜନକ ସଂସ୍ଥାରେ ତାଲା ପଡ଼ିଲା । ଅନେକ କର୍ମଚାରୀ ବେକାର ହୋଇଗଲେ । ରାଜ୍ୟର ଅଧିକାଂଶ ସ୍ପିନିଂ ମିଲ୍ ବା ସୂତା କଳ ଆଜି ଅଚଳ । ଆମ ରାଜ୍ୟରେ କିନ୍ତୁ କପାର ଅଭାବ ନାହିଁ । ଆମ ରାଜ୍ୟ କପାର ଗୁଣାତ୍ମକମାନ ବିଶ୍ୱସ୍ତରର। ପଡୋଶୀ ରାଜ୍ୟମାନେ କିଣିନେଉଛନ୍ତି ଅଭାବୀ ଦରରେ ।

କୋଣାର୍କ ଟିଭି ସେତେବେଳେ ଘରେ ଘରେ ପରିଚିତ ଥିଲା । ବଲିଉଡ୍ ତାରକାମାନେ ମଧ୍ୟ କୋଣାର୍କ ଟିଭିକୁ ପସନ୍ଦ କରୁଥିଲେ । ଏଇ କାରଣରୁ ମୁମ୍ବାଇରେ ମଧ୍ୟ କୋଣାର୍କ ଟିଭିର ସର୍ଭିସ ସେଣ୍ଟର ଥିଲା । ଏ ସଂସ୍ଥା ମଧ୍ୟ ବୁଡ଼ିଗଲା ପରିଚାଳନାଗତ ଅପାରଗତା ପାଇଁ । ଆଜିର ପରିବର୍ତ୍ତନ ସହିତ ତାଳ ଦେଇ କୋଣାର୍କ ଟିଭି ବଞ୍ଚି ରହିପାରିଥାନ୍ତା ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରି !

ନୟାଗଡ଼ ଚିନିକଳ ବନ୍ଦ । ଆଖୁଚାଷୀମାନେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି । ରାସ୍ତାକଡ଼ରେ ଆଖୁରସ ଏବଂ ଗୁଡ଼ ବିକ୍ରି କରୁଛନ୍ତି । ଏ ଗୁଡ଼ର ବ୍ରାଣ୍ଡିଂ ଏବଂ ବିପଣନ ସରକାର କରିପାରନ୍ତେ, ଚାଷୀ ଉପକୃତ ହୁଅନ୍ତେ ।

ଏମିତି ଅନେକ ଉଦାହରଣ ରହିଛି ସରକାରୀ ଉଦାସୀନତା ଏବଂ ଅପାରଗତାର ।

ଏବେ ଆରମ୍ଭ ହୋଇଛି ଘରୋଇକରଣର ଯୁଗ। ଘରୋଇ କମ୍ପାନୀ ହାତକୁ ସବୁ ଟେକିଦିଆଯାଉଛି । ଏଥିରେ ଝାମେଲା କମ୍ । ଘରୋଇ କମ୍ପାନୀ ଉପଭୋକ୍ତାଙ୍କୁ ଲୁଟିବେ, ଏକଥା କ'ଣ ସରକାରଙ୍କୁ ଜଣାନାହିଁ? ସରକାରଙ୍କ ଲଗାମ ରହୁଛି କମ୍ପାନୀ ଉପରେ?

ପ୍ରତିଟି ଅତ୍ୟାବଶ୍ୟକ ସେବା ଘରୋଇ କମ୍ପାନୀ ହାତକୁ ଟେକିଦେବା ପ୍ରମାଣ କରୁଛି ସରକାର ଏବଂ ସରକାରୀ କର୍ମଚାରୀମାନେ କେତେ ଅପାରଗ। କ୍ଷତିରେ ଚାଲିଥିବା ସେଇ କମ୍ପାନୀକୁ ଘରୋଇ କମ୍ପାନୀ ନେଉଛି କିଭଳି ଆଗ୍ରହର ସହ? ତାକୁ ଲାଭଜନକ କରୁଛି କିଭଳି? ତେଣୁ ଗୁଣାତ୍ମକ ମାନ ଏବଂ ସେବା ପାଇଁ ପ୍ରତିବଦ୍ଧତା ଦରକାର ।

# ଆମେରିକାର ଘେରାବନ୍ଦୀରୁ ମୁକ୍ତି ପାଇଁ ୟୁରୋପର ପ୍ରୟାସ

**ସୌମେନ୍ଦ୍ର ଜେନା**

ଆମେରିକାର ସୃଷ୍ଟି ୟୁରୋପର ଜନସଂଖ୍ୟାକୁ କେନ୍ଦ୍ରକରି ସତ । ଆମେରିକାକୁ ନିରନ୍ତର ସମର୍ଥନ ୟୁରୋପ କରିଆସିଛି ସତ । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ କ୍ଷତିଗ୍ରସ୍ତ ୟୁରୋପର କାନ୍ଧରେ ବସିବା ଦିନଠାରୁ ଆଜିଯାଏଁ ଆମେରିକା ବିଶ୍ୱକୁ ନାଲିଆଖି ଦେଖାଇ ଆସିଛି । ୟୁରୋପକୁ ସୁରକ୍ଷା ଦେବାର ବିଶ୍ୱାସ ଦେଖାଇ ରୁଷିଆର ଭୟକୁ ସାମ୍ନାରେ ରଖି ରକ୍ତଶୋଷି ଆସିଛି । ଯେମିତି ୟୁରୋପର ଶକ୍ତିଶାଳୀ ରାଷ୍ଟ୍ର ଜର୍ମାନୀର ସେନାସଂଖ୍ୟାରେ କଟକଣା, ଯୁଦ୍ଧାସ୍ତ୍ର ନିର୍ମାଣରେ କଟକଣା ଯୋଗୁ ଏକଦା ୫ଲକ୍ଷ ସେନାଥିବା ଜର୍ମାନୀର ସୈନ୍ୟଶକ୍ତି ବିଗତ ୭୫ବର୍ଷରେ ହ୍ରାସ ପାଇଁ ଏବେ ଦୁଇଲକ୍ଷରୁ କମ୍ ରହିଛି । ସେମିତି ବ୍ରିଟେନ ଏକଲକ୍ଷ ୮୪ହଜାର, ପୋଲାଣ୍ଡ ଦୁଇଲକ୍ଷ, ଫ୍ରାନ୍ସ ଦୁଇଲକ୍ଷ, ଇଟାଲୀ ଏକଲକ୍ଷ ୭୧ହଜାର, ଗ୍ରୀସ ୧ଲକ୍ଷ ୧୦ହଜାର ସେନାକୁ ନେଇ ରହିଛନ୍ତି । ଅନ୍ୟପକ୍ଷରେ ତୁର୍କୀର ସାଢେ ତିନିଲକ୍ଷ ସେନା ରହିଛନ୍ତି । ମୁନଷ୍ଟରଠାରେ ଆମେରିକା, ଡେନମାର୍କ, ନରୱେ, ସ୍ପେନ, ଇଟାଲୀ, ବ୍ରିଟେନ ସମେତ ଅନ୍ୟାନ୍ୟ ନାଟୋ ମେଣ୍ଟ ରାଷ୍ଟ୍ରର ସେନା ମୁତୟନ ଅଛନ୍ତି । ସେମିତି ଫ୍ରାନ୍ସର ଷ୍ଟ୍ରାସବର୍ଗଠାରେ ୟୁରୋକର୍ପସର ପ୍ରାୟ ଏକହଜାର ସେନା ଫ୍ରାନ୍ସ ଓ ଜର୍ମାନୀର ରହିଛନ୍ତି । ଆମେରିକା ସୁରକ୍ଷା ପ୍ରଦାନ ଆଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକରି ଢେର ଲାଭବାନ ହୋଇଛି । ସେମିତି ୟୁରୋପରୁ ଯଥେଷ୍ଟ ବାଣିଜ୍ୟିକ ଲାଭ ପାଇଆସୁଛି । ସେହିପରି ଟେକ୍ନୋଲୋଜି କ୍ଷେତ୍ରରେ ମଧ୍ୟ ଆମେରିକା ନିଜ ପ୍ରଭାବକୁ କାଏମ୍ ରଖିଛି । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କ ପ୍ରଥମ ପାଳିର ଦାୟିତ୍ୱ କାଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ପ୍ରତିରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି କରିବାକୁ କହିଥିଲେ । ଏବେ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ରୁଷିଆର ଭୟ ଦେଖାଇ ୟୁରୋପୀୟ ରାଷ୍ଟ୍ରଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଲକ୍ଷ୍ୟରେ ଭୟଭୀତ କରିବାକୁ ଯାଇ ଗ୍ରୀନଲାଣ୍ଡକୁ ଦଖଲ କରିବା ଲାଗି ଘୋଷଣା କରିସାରିଛନ୍ତି । କହିବାକୁ ଗଲେ ୟୁରୋପକୁ ରୁଷିଆଠାରୁ ଦୂରେଇ ରଖିବା ଆଳରେ ଆମେରିକା ନିଜର ଆର୍ଥିକ ସ୍ୱାର୍ଥ ପୂରଣ କରିଆସିଛି । ସିରିଆ, ଇରାକ, ଆଫଗାନିସ୍ଥାନରେ ଯୁଦ୍ଧକରି ଆମେରିକା ଯେଉଁ ଅସ୍ଥିରତା ସୃଷ୍ଟି କଲା ତାର ଫଳସ୍ୱରୂପ ଜିହାଦି ଶରଣାର୍ଥୀମାନଙ୍କୁ ୟୁରୋପରେ ଥଇଥାନ କରିବାକୁ ଚାପ ସୃଷ୍ଟିକଲା । ଫଳରେ ଲକ୍ଷଲକ୍ଷ ମୁସଲିମ ଲୋକେ ୟୁରୋପରେ ପ୍ରବେଶ କରି ଏବେ ଧ୍ୱଂସଲୀଳା ଚଳାଇଛନ୍ତି । ୟୁରୋପର ଆଇନଗତ ଦୁର୍ବଳତାର ସୁଯୋଗ ନେଇ ମୁସଲିମମାନେ ସେଠାରେ ନିଜର ଏଜେଣ୍ଡା ଚଳାଇବାକୁ ସଫଳ ହୋଇଛନ୍ତି । ନ୍ୟୁୟର୍କଠାରୁ ଲଣ୍ଡନ ପର୍ଯ୍ୟନ୍ତ ଜିହାଦିଙ୍କ ସମର୍ଥନକାରୀ ମୁସଲିମ ନେତା ମେୟର ହୋଇଛନ୍ତି, ଯାହା ଆଗାମୀ ଦିନରେ ୟୁରୋପକୁ କ୍ଷତିଗ୍ରସ୍ତ କରିବ । ତେଣୁ ଇସଲାମିକ ଜିହାଦର ବିରୁଦ୍ଧରେ ଦୀର୍ଘ ଦେଢ ହଜାର ବର୍ଷ ଧରି ଲଢୁଥିବା ଭାରତ ସହ ସଂପର୍କ ବୃଦ୍ଧିକରି ଟୋପିବାଜୀ ଷଡଯନ୍ତ୍ରର ବିରୋଧ କରିବାକୁ ୟୁରୋପର ନେତାମାନେ ଆଗେଇଛନ୍ତି । ଏହି କ୍ରମରେ ଇଟାଲୀର ଜର୍ଜିଆ, ମେଲୋନୀଙ୍କଠାରୁ ଆରମ୍ଭକରି ଜର୍ମାନୀ ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି । କାରଣ ଟ୍ରମ୍ପ ଆମେରିକାର ଦୋଷକୁ ଗ୍ରହଣ ନକରି ଏହି ମାମଲାରେ ୟୁରୋପର ନେତାମାନଙ୍କୁ ସମାଲୋଚନା କରି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି । ୟୁରୋପକୁ ଦୀର୍ଘଦିନ ଧରି ହାତବାରିସୀ କଲାପରେ ଟ୍ରମ୍ପ ଏବେ ୟୁରୋପକୁ ନିଜ ଆଙ୍ଗୁଠିରେ ନଚାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ସିଧାସଳଖ ବିରୋଧ କରୁଛନ୍ତି ।

ମୋଦିଙ୍କ ମୌନକୂଟନୀତିକୁ କେନ୍ଦ୍ରକରି ଏବେ ଅଧିକ ଆଲୋଚନା ହେଉଛି । ୟୁକ୍ରେନ–ରୁଷିଆ ମଧ୍ୟରେ ଭାରତର ତେଲ କିଣା ହେଉ, ମଣିପୁର ହିଂସାକାଣ୍ଡ ହେଉ ଅଥବା ଟ୍ରମ୍ପଙ୍କ ପାକ୍ ସଂକ୍ରାନ୍ତରେ ସମାଲୋଚନା– ଏସବୁ ମାମଲାରେ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି କିଛି କହିବା ଦରକାର ବୋଲି ଅନେକ ସମାଲୋଚକ କହିଆସିଛନ୍ତି । ଦେଖାଯାଉଛି ଯେ ମୋଦି ନିଜେ ଚୁପ୍ ରହି ଉତ୍ତର ଦେବାଲାଗି ଅନେକ ବିଷୟରେ ବିଦେଶମନ୍ତ୍ରୀ ଜୟଶଙ୍କର କିମ୍ବା ଅନ୍ୟନେତାଙ୍କୁ ସାମ୍ନାକୁ ଛାଡୁଛନ୍ତି । ଅତୀତ ଦିନମାନଙ୍କରେ ୟୁରୋପର ସମାଲୋଚନାର ଉତ୍ତର ଜୟଶଙ୍କର ବହୁ ଭଲଭାବେ ଦେଇଥିଲେ । ଆମେରିକାର ଚାପ କିମ୍ବା ନିର୍ଦ୍ଦେଶରେ କଥା ନକହି ସମସ୍ୟାର ସମାଧାନ ପାଇଁ କହିବା ଦରକାର ବୋଲି କହିଥିଲେ । କହିବାକୁ ଗଲେ ମୋଦିଙ୍କ ଏହି ମଉନ ରହିବା ନୀତି ଭାରତର ବିକାଶପାଇଁ ସହାୟକ ହୋଇଛି । ସେ ମୌନରହି ଆମେରିକାର ଅଯଥା ଦାବିକୁ ମିଥ୍ୟା ବୋଲି ପ୍ରମାଣିତ କରିସାରିଛନ୍ତି । ଟ୍ରମ୍ପଙ୍କ ବ୍ରାଜିଲ, ଭାରତ ସମେତ ଅନେକରାଷ୍ଟ୍ର ବିରୋଧରେ ବିଷୋଦଗାର ଏବଂ ଶୁଳ୍କ ଲାଗୁ କରିବା ନୀତି ଯୋଗୁ ବହୁରାଷ୍ଟ୍ର ଏବେ ଆମେରିକାର ବିରୋଧୀ ହୋଇଛନ୍ତି, ଆମେରିକା ଉପରୁ ବିଶ୍ୱାସ ହରାଇଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହ ଏବଂ ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ତନ୍ମଧ୍ୟରେ ରହିଛନ୍ତି । ଆମେରିକା ସହ ସଂପର୍କ ଖରାପ ହେବାପରେ ୟୁରୋପର ଯେଉଁ ବାଣିଜ୍ୟିକ କ୍ଷତି ହେବ ତାର ଭରଣା ପାଇଁ ସେମାନେ ଭାରତ ସହ ଖୁବଶିଘ୍ର ବୁଝାମଣା କରିବାକୁ ସ୍ଥିର କଲେ । କାରଣ ଏବେ ଆର୍ଥିକ ବିକାଶ ଦୃଷ୍ଟିରୁ ଭାରତର ବିକାଶ ହାର ଅନ୍ୟମାନଙ୍କ ତୁଳନାରେ ଢେର ଆଗରେ ରହିଛି । ବଜାର ମଧ୍ୟ ଏକପ୍ରକାର ସ୍ଥିର ଓ ବିକାଶମୁଖୀ ଅବସ୍ଥାରେ ରହିଛି । ଏଥିରୁ ଲାଭ ଉଠାଇବା ପାଇଁ ୟୁରୋପୀୟ ସଂଘ ଚାହିଁଲା ।

ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜାନୁଆରୀ ମାସର ଡାଭୋସ ଆଲୋଚନାରେ ଟ୍ରମ୍ପଙ୍କ ବିରୋଧରେ ୟୁରୋପୀୟ ନେତୃବୃନ୍ଦଙ୍କ ସମାଲୋଚନା ଦୃଷ୍ଟିକୁ ଆସିଥିଲା । ଆମେରିକାର ପଡୋଶୀ ଏବଂ ସହଯୋଗୀ ରାଷ୍ଟ୍ର କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଟ୍ରମ୍ପଙ୍କୁ ଧମକ ଦେବାସହ କଠୋର ସମାଲୋଚନା କରିଥିଲେ । ଆଇଏମ୍ଏଫ୍‌ର କ୍ରିଷ୍ଟାଲିନା ଜର୍ଜିଏଭା ଏବଂ ୱାର୍ଲଡ ଇକୋନୋମିକ ଫୋରମର ଅଧ୍ୟକ୍ଷ ବୋର୍ଗେ ବ୍ରେଣ୍ଡେ ଆମେରିକା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ । ୟୁରୋପୟ ୟୁନିଅନର ଅଧ୍ୟକ୍ଷ ଏଣ୍ଟୋନିଓ କୋଷ୍ଟା, ୟୁରୋପୀୟ ୟୁନିଅନ କମିଶନର ଅଧ୍ୟକ୍ଷା ଉର୍ସୁଲା, ଉପାଧ୍ୟକ୍ଷା କାଜା କାଲ୍ଲାସ ପ୍ରମୁଖ ଡାଭୋସ ଆଲୋଚନା ସମୟରେ ଆମେରିକାକୁ ସମାଲୋଚନା କରିବା ସହ ଭାରତ ସହ ୟୁରୋପୀୟ ସଂଘ ବିଶ୍ୱର ସର୍ବବୃହତ ବାଣିଜ୍ୟିକ ବୁଝାମଣା କରିବାକୁ ଯାଉଥିବା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ତା' ପୂର୍ବରୁ ଜାନୁଆରୀ ମାସରେ ଭାରତ ଗସ୍ତରେ ଆସିଥିବା ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ ମଧ୍ୟ ଯଥାସମ୍ଭବ ଦ୍ୱିପାକ୍ଷିକ ବୁଝାମଣା ଶେଷ ହେବା ସପକ୍ଷରେ ମତ ଦେଇଥିଲେ । ତାଙ୍କ ବକ୍ତବ୍ୟରୁ ୟୁରୋପୀୟ ୟୁନିଅନ ସବୁ କିଛି ଠିକ୍ କରିସାରିଥିବା ମନେ ହେଉଥିଲା, ଯାହା ୨୭ ଜାନୁଆରୀ ଦିନ ଶେଷ ହେଲା ।

ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ସଚିବ ରାଜେଶ ଅଗ୍ରୱାଲ ବହୁ ପରିଶ୍ରମ କରିଥିଲେ । ଉର୍ସୁଲା ଏବଂ କୋଷ୍ଟାଙ୍କ ପାଇଁ ଲାଲକାର୍ପେଟ ବିଛାଇ ସ୍ୱାଗତ କରାଯାଇଥିଲା । ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ପରେଡକୁ ଦୁଇନେତାଙ୍କୁ ଅତିଥି କରିବା ସହ ଭାରତର ସୈନ୍ୟ ଶକ୍ତି ଓ ଅସ୍ତ୍ରଶକ୍ତିର ପ୍ରଦର୍ଶନ କାଳରେ ସେମାନଙ୍କୁ ପରିଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରତ୍ୟେକଟି ପ୍ରତିରକ୍ଷା ସାମଗ୍ରୀ ପରେଡରେ ଯିବା ସମୟରେ ତା ସଂପର୍କରେ ୟୁରୋପୀୟ ନେତାମାନଙ୍କୁ ବୁଝାଉଥିଲେ । ଅପରେସନ ସିନ୍ଦୂର ମଡେଲରେ କିପରି ଭାରତର ବାୟୁସେନା ପାକ୍‌ରେ ଥିବା ଚୀନର ରାଡାର ଏବଂ ଆମେରିକାର ଏଫ୍–୧୬ ଯୁଦ୍ଧ ବିମାନଗୁଡିକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା । ସେ ବିଷୟରେ କହିଥିଲେ । ଏପରିକି ଭାରତର ରକେଟର ମାରକ କ୍ଷମତା, ତୋପ, ରାଡାର, ଟ୍ୟାଙ୍କ, ପ୍ରତିରକ୍ଷା ବ୍ୟବସ୍ଥା ଆଦି କିପରି ଉନ୍ନତମାନର ସେ ବିଷୟରେ ୟୁରୋପୀୟ ନେତାମାନଙ୍କୁ ପରିଚିତ କରାଇଥିଲେ । ଦୁଇ ୟୁରୋପୀୟ ନେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଖୋଲା ଘୋଡାଗାଡିରେ ପରେଡ ସ୍ଥାନକୁ ନେଇଥିଲେ । ପୂର୍ବରୁ ରାଷ୍ଟ୍ରପତି ଭବନଠାରେ ଦୁଇନେତାଙ୍କୁ ପାଇଁ ଗାର୍ଡ ଅଫ ଅନର ଦିଆଯାଇଥିଲା । ରାଷ୍ଟ୍ରପତି ମଧ୍ୟ ସେମାନଙ୍କ ପାଇଁ ଏକ ଭୋଜୀର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ଅନେକ କୂଟନୀତିଜ୍ଞ ଏବଂ ରାଜନେତା ଯୋଗ ଦେଇଥିଲେ । ଭାରତରେ ଆତିଥ୍ୟ ଏବଂ ସମ୍ବର୍ଦ୍ଧନା ପାଇ ୟୁରୋପୀୟ ନେତାମାନେ ବେଶ୍ ଖୁସି ଥିବାର ଦେଖାଯାଇଥିଲା ।

ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ତଥା ପର୍ତ୍ତୁଗାଲର ପୂର୍ବତନ ପ୍ରଧାନମନ୍ତ୍ରୀ ଏଣ୍ଟୋନିଓ କୋଷ୍ଟା ନିଜକୁ ଜଣେ ପ୍ରବାସୀ ଭାରତୀୟ କହି ନିଜ ପକେଟରୁ ଭାରତର ପାସପୋର୍ଟ କାଢ଼ି ଦେଖାଇଥିଲେ । କୋଷ୍ଟାଙ୍କ ପରିବାର ଏକଦା ଗୋଆର ବାସିନ୍ଦା ଥିଲେ । ଗୋଆ ଭାରତରେ ସାମିଲ ହେବାପରେ ପରେ ତାଙ୍କ ପରିବାର ପର୍ତ୍ତୁଗାଲକୁ ଚାଲିଯାଇଥିଲେ । ସୋସିଆଲିଷ୍ଟ ପାର୍ଟିର କୋଷ୍ଟା ୨୦୧୫ରୁ ୨୦୨୪ ଯାଏଁ ପର୍ତ୍ତୁଗାଲର ଶାସନ ଦାୟିତ୍ୱରେ ଥିଲେ । ଗୋଆରେ ତାଙ୍କୁ ସମସ୍ତେ ଆଦରରେ ବାବୁସ୍ ବୋଲି ଡାକିଥାନ୍ତି । ୨୦୧୭ରେ ପ୍ରବାସୀ ଭାରତୀୟ ଭାବେ ତାଙ୍କୁ ସମ୍ମାନୀତ କରାଯାଇଥିଲା । ୨୦୦୫ରେ ଭାରତର ଦୀର୍ଘକାଳୀନ ଭିସା ବିଦେଶରେ ବାସ କରୁଥିବା ଭାରତୀୟ ମୂଳର ଲୋକଙ୍କ ପାଇଁ ଦିଆଯାଇଥିଲା । ହେଲେ ଏଥିରେ କୌଣସି ପ୍ରକାର ରାଜନୈତିକ ଅଧିକାର ମିଳେ ନାହିଁ । କୋଷ୍ଟା ତାଙ୍କ ବକ୍ତବ୍ୟରେ ଦ୍ୱିପାକ୍ଷିକ ବୁଝାମଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ଶାନ୍ତି ସ୍ଥାପନା ପାଇଁ ଭାରତର ସହଯୋଗ ଲୋଡିଥିଲେ । ଏପରିକି ଆବଶ୍ୟକ ହେଲେ ୟୁକ୍ରେନ ନିଜର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ । ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ରୁଷିଆକୁ ଭାରତ ପ୍ରଭାବିତ କରିପାରିବ ବୋଲି ୟୁରୋପୀୟ ନେତୃବୃନ୍ଦଙ୍କ ଗଭୀର ବିଶ୍ୱାସ ରହିଛି ।

ଭୁବନେଶ୍ୱର–୩

# ଜୁଭେନାଇଲ ଜଷ୍ଟିସ ବୋର୍ଡ ବାଟବଣା !

**■ ସୌଭାଗ୍ୟ ରଞ୍ଜନ ମହାନ୍ତି ■**

ଏହା ନିଃସନ୍ଦେହ ଯେ, ଦେଶରେ ବାଳ ଅପରାଧ ବୃଦ୍ଧି ଏବେ କେବଳ ଅଭିଭାବକମାନଙ୍କ ପାଇଁ ନୁହେଁ, ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ହୋଇଛି । ଦିନକୁ ଦିନ ନାବାଳକମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଆମ ରାଜ୍ୟରେ ଜଣେ ନବମ ଶ୍ରେଣୀର ଛାତ୍ରୀ ଟିଉସନରୁ ଫେରିବା ସମୟରେ ତା'ର ପାଞ୍ଚଜଣ ସହଯୋଗୀ ଯେଉଁମାନେ କି ନାବାଳକ, ତାଙ୍କୁ ଅପହରଣ କରି ନେଇ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସେହିପରି କେଉଁଠି ଦଶମ ଶ୍ରେଣୀ ଛାତ୍ରର ଛୁରାମାଡରେ ନବମ ଶ୍ରେଣୀ ଛାତ୍ର ଆହତ ହେଲାଣି ତ କେଉଁଠି ଅଷ୍ଟମ ଶ୍ରେଣୀ ଛାତ୍ରର ବ୍ୟାଗରୁ ବନ୍ଧୁକ ଜବତ ହେଲାଣି, ଏହା ହେଉଛି ବାଳ ସୁଲଭ ଅପରାଧର ଗୋଟିଏ ଗୋଟିଏ ଉଦାହରଣ । କେବଳ ଏତିକି ନୁହେଁ, ହତ୍ୟା, ଚୋରି, ଡକାୟତ, ବଳତ୍କାର ଛିନତାଇ, ମାରପିଟ ଆଦି ଘଟଣାରେ ନାବାଳକମାନଙ୍କର ସମ୍ପୃକ୍ତ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ନାବାଳକମାନଙ୍କୁ ଅପରାଧରୁ ଦୂରେଇ ରଖିବା ତଥା ବାଳ ସୁଧାର ପାଇଁ ପିଲାମାନଙ୍କୁ ଆଇନଗତ ବିବାଦରୁ ସ୍ୱତନ୍ତ୍ର ତଥା ପୃଥକ ରଖିବା ଲକ୍ଷ୍ୟ ନେଇ ଏକ ଦଶନ୍ଧି ପୂର୍ବେ ଦେଶରେ ବାଳ ସୁଧାର ନ୍ୟାୟ (କେୟାର ଆଣ୍ଡ ପ୍ରୋଟେକସନ ଚିଲଡ୍ରେନ) ଆଇନ–୨୦୧୫ ପ୍ରଣୟନ କରାଯାଇଥିଲା । ମାତ୍ର ଏହି ଆଇନ ପ୍ରଣୟନ ହେବାର ୧୦ବର୍ଷ ପରେ ଆଇନଗତ ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ଗୁରୁତର ପାର୍ଥକ୍ୟ ପରିଲିଖିତ ହୋଇଛି । ଇଣ୍ଡିଆ ଜଷ୍ଟିସ ରିପୋର୍ଟରେ ଏହି ତଥ୍ୟ ସଂକେତ ପ୍ରଦାନ କରିଛି । ଆଇନ ଏବଂ ବାଳସୁଧାର ନ୍ୟାୟ ମଧ୍ୟରେ ବିବାଦ ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ସମଗ୍ର ଦେଶବ୍ୟାପୀ ରିପୋର୍ଟ ସଂଗ୍ରହ ଲାଗି ୨୫୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ ତଥ୍ୟ ଜାଣିବାର ଅଧିକାର ଆଇନ ବଳରେ ଆବେଦନ କରିଥିଲେ ମଧ୍ୟ ରିପୋର୍ଟ ସମ୍ପୂର୍ଣ୍ଣ ହୋଇପାରିନଥିବା କୁହାଯାଏ । ଜୁଭେନାଇଲ ଜଷ୍ଟିସ ମାମଲାଗୁଡିକ ପାଇଁ ଦେଶରେ କୌଣସି କେନ୍ଦ୍ରୀୟ ସଂସ୍ଥା ବା ଗଚ୍ଛାଘର ନଥିବା ଯୋଗୁ ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରିନାହିଁ । ତେବେ ୨୦୨୩ ଅକ୍ଟୋବର ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ୫୦ ହଜାରରୁ ଉର୍ଦ୍ଧ୍ୱ ପିଲା ନ୍ୟାୟ ଅପେକ୍ଷାରେ ଅଛନ୍ତି । ଯାହାକି ଜୁଭେନାଇଲ ଜଷ୍ଟିସର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କୁହାଯାଇପାରେ । ପିଲାମାନଙ୍କୁ ପ୍ରାପ୍ତବୟସ୍କ ଅପରାଧୀଙ୍କ ପରି ଦୀର୍ଘକାଳ ବିଚାରାଧୀନ କଏଦୀ ଭାବେ ବ୍ୟବହାର କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏକ ମହତ ଉଦ୍ଦେଶ୍ୟ ତଥା ପିଲାମାନଙ୍କୁ ଅପରାଧ କବଳରୁ ମୁକ୍ତ ରଖି ସୁସ୍ଥ ନାଗରିକ ଭାବେ ଗଢିତୋଳିବା ନେଇ ଆଇନରେ ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ତାହା ବ୍ୟର୍ଥ ପ୍ରମାଣିତ ହୋଇଛି । କହିବା ବାହୁଲ୍ୟ ଯେ, ନ୍ୟାୟ ପ୍ରଦାନରେ ମନ୍ଥରତା ଆମ ଦେଶରେ ଏବେ ଏକ ପ୍ରଚଳିତ ନୀତି ବା ପରମ୍ପରାରେ ପରିଣତ ହୋଇଛି । ବାଳ ସୁଧାର ପାଇଁ ଦେଶରେ ପ୍ରଥମ ଥର ପାଇଁ ୧୯୮୬ ମସିହାରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ପ୍ରଣୟନ ହୋଇଥିବାବେଳେ ୨୦୧୫ରେ ଏହାର ସଂଶୋଧନ କରି ଆଇନକୁ ସକ୍ରୀୟ ଓ ଫଳପ୍ରଦ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ନିଷ୍କ୍ରିୟତା ତଥା ମନ୍ଥରତା ଯୋଗଁ ଦେଶରେ କେବଳ ଆଇନର ଉଦ୍ଦେଶ୍ୟ ସାଧିତ ହୋଇନାହିଁ, ବରଂ ବାଳ ଅପରାଧ ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ଦେଶରେ ୨୦୨୩ରେ ୩୭,୪୪୪ଟି ବାଳ ଅପରାଧ ଘଟଣା ଘଟିଥିବା ବେଳେ ୩୧,୧୭୦ ମାମଲା ରୁଜୁ ହୋଇଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୪.୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ୩୦,୫୫୫ଟି ମାମଲା ଘଟିଥିବା ରିପୋର୍ଟରେ କୁହାଯାଇଛି। ଏହା କହିବା ଯଥେଷ୍ଟ ସହଜ ନୁହେଁ ଯେ, ଏହି ବ୍ୟବସ୍ଥା ଏବେ ସଂଗ୍ରାମ କରୁଛି । ମନେ ରଖିବାକୁ ହେବ, ଯେକୌଣସି ବ୍ୟବସ୍ଥା ମଣିଷ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏହା ଯଦି ପିଲାଙ୍କୁ ବିଫଳ କରେ, ତେବେ ଏହା ପଛରେ ପ୍ରଶାସନିକ ବ୍ୟବସ୍ଥା ରହିଥିବା କୁହାଯିବ । ଦେଶରେ ଥିବା ୪୭୦ଟି ଜୁଭେନାଇଲ ଜଷ୍ଟିସ ବୋର୍ଡ ମଧ୍ୟରୁ ୧୧୧ଟି ରେ ଜଣେ ମୁଖ୍ୟ ମାଜିଷ୍ଟ୍ରେଟ ଏବଂ ଦୁଇଜଣ ସାମାଜିକ କର୍ମୀ, ୩୦ପ୍ରତିଶତ ବୋର୍ଡରେ ଆଇନଗତ ସେବା କ୍ଲିନିକ୍, ୮୦ ପ୍ରତିଶତ ବୋର୍ଡରେ ବାଳ ସୁଧାର ଗୃହ ବାଧ୍ୟତାମୂଳକ ଥିବା ୧୯୯୨ ସିସିଆଇଙ୍କ ମଧ୍ୟରୁ ମାତ୍ର ୮୧୦ ଥିବା ଜଣାଯାଏ, ଏଥିପାଇଁ ରାଜ୍ୟ ସରକାର ଏବଂ ଜୁଭେନାଇଲ ଜଷ୍ଟିସ ବ୍ୟବସ୍ଥା ତଦାରଖ କରୁଥିବା କର୍ତ୍ତୃପକ୍ଷ ସମାନ ଭାବରେ ଦାୟୀ ବୋଲି କୁହାଯାଇପାରିବ । ଯେଉଁଥିପାଇଁ କି ଜୁଭେନାଇଲ ଜଷ୍ଟିସ ବୋର୍ଡ ଏବେ ବାଟବଣା ହୋଇଛି ।


ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ
ମୋ.୯୪୩୭୯୯୪୩୭୯


## ଢେଙ୍କାଶବର, ଢେଙ୍କାନାଳ: ରାଜତନ୍ତ୍ରରୁ ଗଣତନ୍ତ୍ର– (୩)



### ଇତିହାସର ଇତି କଥା

**ସତ୍ୟବାଦୀ ବଳିଆରସିଂହ**

ରାଜନୀତି କ୍ଷେତ୍ରରେ ଢେଙ୍କାନାଳର ଉଲ୍ଲେଖନୀୟ ଭୂମିକା ରହିଛି । ଶ୍ରୀମତୀ ନନ୍ଦିନୀ ଶତପଥୀ କେନ୍ଦ୍ରରେ ଉପମନ୍ତ୍ରୀ ତଥା ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରକିଛନ୍ତି । ସେ ଓଡ଼ିଶାର ନବମ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣେ ପ୍ରଗତିଶୀଳ ତଥା ଦୃଢ଼ ପ୍ରଶାସିକା ଭାବେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଜଣେ ବିଶିଷ୍ଟ ସାହିତ୍ୟିକା ଭାବେ ସେ ଚର୍ଚ୍ଚାରେ ଥାଆନ୍ତି ।

ରାଜା ଶଙ୍କର ପ୍ରତାପ ଓ ରାଣୀ ରତ୍ନପ୍ରଭା ଦେବୀଙ୍କ ସନ୍ତାନ ଭାବେ ବିଗ୍ରେଡ଼ିୟର କାମାକ୍ଷାପ୍ରସାଦ ସିଂଦଦେଓ ୧୯୪୧ ମସିହା ଅଗଷ୍ଟ ୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । କାମାକ୍ଷାନଗର ଭାବେ ଯେଉଁ ସହରଟି ଆଜି ଏକ ପରିଚୟ ଲାଭ କରିଛି ପୂର୍ବେ ତାହା ମଡ଼ି ନାମରେ ପରିଚିତ ଥିଲା । ରାଜା ଶଙ୍କର ପ୍ରତାପ ନିଜ ପୁତ୍ର କାମାକ୍ଷାପ୍ରସାଦଙ୍କ ନାମରେ ମଡ଼ି ନାମକୁ ବଦଳାଇ ତାହା କାମାକ୍ଷାନଗର କଲେ । କାମାକ୍ଷାପ୍ରସାଦ ୬ଥର ଲୋକସଭା ସାଂସଦ, ୨ ଥର ରାଜ୍ୟସଭା ସାଂସଦ ଓ ଥରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଦଳର ସଭାପତି ଥିଲେ । ସେ ୧୯୬୭ ମସିହାରେ ସ୍ୱତନ୍ତ୍ର ଦଳର ସାଂସଦ ଭାବେ ନିର୍ବାଚିତ ହୋଇ ଦଳର ମୁଖ୍ୟ କାର୍ପଟଦାର ଥିଲେ ଏବଂ ତାଙ୍କ ଶ୍ୱଶୁର କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓ ଲୋକସଭାରେ ଦଳର ଦଳପତି ଥିଲେ । ସେ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ଭାବେ ପ୍ରତିରକ୍ଷା, ସଂସ୍କୃତି, ସୂଚନା ପ୍ରସାରଣ, ଖାଦ୍ୟ ପ୍ରକ୍ରିୟାକରଣ, ଯୋଗାଣ ଆଦି ବିଭାଗ ଦାୟିତ୍ୱ ନେବା ସହ ଢେଙ୍କାନାଳରେ ବହୁ କେନ୍ଦ୍ରୀୟ କାର୍ଯ୍ୟାଳୟ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ ନେଇଥିଲେ। ସେ ପାକ୍–ଭାରତ ଯୁଦ୍ଧରେ ବିଗ୍ରେଡ଼ିୟର ଭାବେ ଅଂଶଗ୍ରହଣ କରିଥିଲେ । ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ବିଗ୍ରେଡ଼ିୟର କାମାକ୍ଷାପ୍ରସାଦ ସିଂହଦେଓଙ୍କ ଭଳି ଜନତା ଦଳରୁ ସାଂସଦ ଭାବେ ନିର୍ବାଚିତ ହୋଇ ଭଜମନ ବେହେରା କିଛିକାଳ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ଢେଙ୍କାନାଳ ଗଡ଼ଜାତର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ନନ୍ଦିନୀ ଶପେଥୀ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଭାବେ ନବୀନ ଚନ୍ଦ୍ର ନାରାୟଣ ଦାସ, ଡ. ନୃସିଂହ ଚରଣ ସାହୁ, ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟ କରିଥିବା ବେଳେ ସଂପ୍ରତି ଏହି ଜିଲାର କୃଷ୍ଣଚନ୍ଦ୍ର ପାତ୍ର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଭାବେ କାର୍ଯ୍ୟ କରୁଛନ୍ତି। ଏହିଭଳି ବହୁଭାବରେ ଢେଙ୍କାନାଳ ଜିଲା ସୁନାମ ଅର୍ଜନ କରିଛି।

# ସମବାୟ ଅନୁଷ୍ଠାନ କେବଳ ଦୃଢ଼ ସମବାୟ ସଂସ୍କୃତି ମାଧ୍ୟମରେ ବଞ୍ଚି ରହିବ

**■ ବିଦ୍ୟାଧର ଆନସ୍କର ■**

ଭାରତର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବୁନିଆଦ ସର୍ବଦା ସାମୂହିକ ପ୍ରୟାସରେ ଗଢ଼ା ହୋଇଛି । ବ୍ୟକ୍ତିଗତ ପରିବର୍ତ୍ତେ ଏକାଠି ଅଗ୍ରଗତି ହାସଲ କରିବା ହିଁ ଆମ ସଭ୍ୟତାର ମୂଳ ଭିତ୍ତି ରହିଆସିଛି । ଏହି ପୁରାତନ ମୂଲ୍ୟବୋଧର ଆଧୁନିକ ରୂପ ହେଉଛି ସମବାୟ ଆନ୍ଦୋଳନ । ସମବାୟ କେବଳ ଏକ ଆର୍ଥିକ ବ୍ୟବସ୍ଥା ନୁହେଁ ଏହା ଏକ ମୂଲ୍ୟ–ଆଧାରିତ ସାମାଜିକ ଦର୍ଶନ, ଯାହା ସାମୂହିକ କଲ୍ୟାଣକୁ ଲକ୍ଷ୍ୟ କରିଥାଏ ।

ପ୍ରତ୍ୟେକ ରାଷ୍ଟ୍ରର ନିଜସ୍ୱ ସଂସ୍କୃତି ଥିବା ପରି ସମବାୟର ମଧ୍ୟ ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଗଣତାନ୍ତ୍ରିକ ନିୟନ୍ତ୍ରଣ, ଯେଉଁଠାରେ ସଦସ୍ୟମାନେ ହିଁ ମାଲିକ ଏବଂ ନିଷ୍ପତ୍ତି ଗ୍ରହଣକାରୀ । ପ୍ରକୃତ ସମବାୟ କାର୍ଯ୍ୟକ୍ରମରେ ଦୁର୍ନୀତି, ପ୍ରତାରଣା ଓ ଶୋଷଣର କୌଣସି ସ୍ଥାନ ନଥାଏ ।

ସଦସ୍ୟମାନଙ୍କୁ ତାଲିମ ଦେବା ଏବଂ ସେମାନଙ୍କର ଆର୍ଥିକ ଓ ବୃତ୍ତିଗତ ସାକ୍ଷରତା ବୃଦ୍ଧି କରିବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ମଜଭୁତ ହୁଏ, ଐକ୍ୟ ଗଭୀର ହୁଏ ଏବଂ ସମବାୟ କ୍ଷେତ୍ର ବ୍ୟକ୍ତିଗତ ଓ ସରକାରୀ କ୍ଷେତ୍ରଠାରୁ ଅଧିକ ସ୍ଥିତିସ୍ଥାପକ ହୋଇପଡ଼େ ।

ସମବାୟ ସଂସ୍କୃତି ବିଶ୍ୱାସ, ସ୍ୱଚ୍ଛତା, ସତ୍ୟତା ଓ ନିରନ୍ତରତା ଉପରେ ଆଧାରିତ । ଏହା ସମାଜକୁ ଆର୍ଥିକ ଭାବେ ମଜବୁତ କରିବା ସହିତ ସାମାଜିକ ବନ୍ଧନକୁ ଦୃଢ଼ କରେ । ଆମେର ଭାବନା ମୁଁଠାରୁ ଅଧିକ ଶକ୍ତିଶାଳୀ, ଯାହା ସମବାୟକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ଉପକରଣ କରିଥାଏ ।

ଆଜି ସମବାୟର ହ୍ରାସର ପାଇଁ ଅନେକ କାରଣ ଦର୍ଶାଯାଉଛି – ଅପର୍ଯ୍ୟାପ୍ତ ପୁଞ୍ଜି, ଦକ୍ଷ ମାନବ ସମ୍ବଳର ଅଭାବ କିମ୍ବା ଅପର୍ଯ୍ୟାପ୍ତ ସରକାରୀ ସହାୟତା । କିନ୍ତୁ ଗଭୀର ଚିନ୍ତନ କଲେ ପ୍ରକୃତ କାରଣ ହେଉଛି ସମବାୟ ସଂସ୍କୃତିକୁ ଉଠାଇ ରଖିବା ଓ ସଂରକ୍ଷଣ କରିବାରେ ବିଫଳତା, ଯାହା ଜନବିଶ୍ୱାସର କ୍ଷୟ ଘଟାଇଛି । ଯେତେବେଳେ ଲୋକେ କହିବାକୁ ଲାଗନ୍ତି ଯେ ଆଜିକାଲି ସମବାୟରେ କିଛି ବି ହୋଇପାରେ, ଏହା ଏକ ସତର୍କ ସଙ୍କେତ । ତେଣୁ ସମସ୍ତ ହିତସମ୍ବନ୍ଧୀମାନେ ସମବାୟ ମୂଲ୍ୟବୋଧକୁ ପୋଷଣ କରିବାକୁ ପ୍ରତିବଦ୍ଧ ହେବା ଆବଶ୍ୟକ ।

ବୈକୁଣ୍ଠଭାଇ ମେହତା ଓ ଧନଞ୍ଜୟରାଓ ଗାଡ଼ଗିଲ୍ ଭଳି ଦୂରଦର୍ଶୀମାନେ ସମବାୟ ନୀତିଗୁଡ଼ିକୁ ସ୍ପଷ୍ଟ ଭାବେ ବର୍ଣ୍ଣନା କରିଥିଲେ, ଯେତେବେଳେ ବିଠଲରାଓ ବିଖେ ପାଟିଲ, ବସନ୍ତଦାଦା ପାଟିଲ ଓ ରତ୍ନପ୍ପା କୁମ୍ଭାର ଭଳି ନିଷ୍ଠାବାନ ନେତାମାନେ ବ୍ୟକ୍ତିଗତ ସତ୍ୟନିଷ୍ଠା ଓ ଅନୁଶାସନ ମାଧ୍ୟମରେ ସମବାୟ ସଂସ୍କୃତିକୁ ପ୍ରତିଷ୍ଠା କରିଥିଲେ । ସାଙ୍ଗଲିର ଗୁଲାବରାଓ ପାଟିଲଙ୍କ ଉତ୍ତରାଧିକାର ଦେଖାଇଛି ଯେ ନୈତିକ ନେତୃତ୍ୱ କିପରି ଦୃଢ଼ ପ୍ରତିଷ୍ଠାନ ଗଢ଼ିଥାଏ ।

ଏକ ସମବାୟ ପ୍ରତିଷ୍ଠାନର ସଫଳତା ଶେଷରେ ତାହାର ନେତୃତ୍ୱର ସଫଳତା । ନେତୃତ୍ୱ ରାଜନୈତିକ ହେବା ଆବଶ୍ୟକ ନୁହେଁ, କିନ୍ତୁ ଏହା ସମବାୟ ମୂଲ୍ୟବୋଧରେ ଦୃଢ଼ଭାବେ ପ୍ରତିଷ୍ଠିତ ହେବା ଆବଶ୍ୟକ । ଆଜିର ପରିପ୍ରେକ୍ଷୀରେ ସତ୍ୟବାଦୀ କର୍ମକର୍ତ୍ତାଙ୍କ ସହିତ ଦୂରଦର୍ଶୀ ନେତୃତ୍ୱ ସମବାୟ ପ୍ରତିଷ୍ଠାନଗୁଡ଼ିକର ଦ୍ରୁତ ଅଗ୍ରଗତି ସୁନିଶ୍ଚିତ କରିପାରିବ ।

ଦୁଃଖର ବିଷୟ ଯେ ପାଖାପାଖି ସମବାୟରୁ ସମ୍ବଳ ଚୋରି, ବାର୍ଷିକ ସାଧାରଣ ସଭାକୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ପରିଣତ କରିବା, ଅରାଜକତା, ସଦସ୍ୟମାନଙ୍କୁ ପ୍ରଲୋଭନ ଓ ରାଜନୈତିକ ହସ୍ତକ୍ଷେପ ଭଳି ଅଭ୍ୟାସଗୁଡ଼ିକ ସମବାୟ ସଂସ୍କୃତିରୁ ସ୍ପଷ୍ଟ ବିଚ୍ୟୁତି । ଏଠାରେ ଉଦ୍ଦେଶ୍ୟ କାହାକୁ ଅଭିଯୋଗ କିମ୍ବା ସମାଲୋଚନା କରିବା ନୁହେଁ, ବରଂ ଏକ ଆଜୀବନ ସମବାୟ କର୍ମୀ ଭାବେ ଯିଏ ସମବାୟକୁ ଜନବିଶ୍ୱାସ ଭାବେ ଦେଖେ, ତାହାର ଚିନ୍ତା ପ୍ରକାଶ କରିବା ।

ସଦସ୍ୟମାନେ କେବଳ କାଗଜରେ ମାଲିକ ହୋଇ ରହିଲେ ଅଜ୍ଞ ଓ ଅତାଲିମପ୍ରାପ୍ତ ରହିଲେ କିଛି ନୁହେଁ । ସଦସ୍ୟମାନଙ୍କୁ ଶିକ୍ଷିତ କରିବା, ସମାଲୋଚନାତ୍ମକ ଚିନ୍ତନକୁ ଉତ୍ସାହିତ କରିବା ଓ ନେତୃତ୍ୱର ନିଷ୍ପତ୍ତିକୁ ପ୍ରଶ୍ନ କରିବାକୁ ସଶକ୍ତ କରିବା ନୂତନ ସମବାୟ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ହେବା ଆବଶ୍ୟକ । ଯେପରି ସମବାୟ ଆନ୍ଦୋଳନ କୃଷକମାନଙ୍କୁ ଶୋଷଣକାରୀ ସାହୁକାରଙ୍କରୁ ମୁକ୍ତ କରିଥିଲା, ସେହିପରି କ୍ଷେତ୍ର ଭିତରେ ବଢୁଥିବା ସ୍ୱାର୍ଥପରତାକୁ ପ୍ରତିରୋଧ କରିବା ପାଇଁ ସମବାୟ ସଂସ୍କୃତିକୁ ପୁନଃସ୍ଥାପନ କରିବାକୁ ଏକ ନୂତନ ଆନ୍ଦୋଳନ ଆରମ୍ଭ ହେବା ଆବଶ୍ୟକ ।

ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ହେଉଥିବା ସମୟରେ ଏବଂ ସମବାୟ ମନ୍ତ୍ରଣାଳୟ କ୍ଷେତ୍ରକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଥିବା ବେଳେ ପ୍ରତ୍ୟେକ ସମବାୟ କର୍ମୀଙ୍କ ପାଇଁ ସତ୍ୟବାଦୀ ଆତ୍ମପର୍ଯ୍ୟାଲୋଚନା ଅତ୍ୟନ୍ତ ଆବଶ୍ୟକ । କେବଳ ସମାଲୋଚନା ଯଥେଷ୍ଟ ନୁହେଁ । ଆବଶ୍ୟକ ହେଉଛି ସମବାୟରେ ଶୁଦ୍ଧତା, ସ୍ୱାଧୀନତା ଓ ବୃତ୍ତିଗତତାକୁ ପୁନଃସ୍ଥାପନ କରିବାକୁ ଏକ ସାମୂହିକ ସଂକଳ୍ପ ।

ସମବାୟରେ ପ୍ରକୃତ ଗର୍ବକୁ ପୁନଃପ୍ରତିଷ୍ଠା କରିବା ଆବଶ୍ୟକ । ଅତ୍ୟଧିକ ରାଜନୈତିକରଣ, ସମବାୟକୁ ବ୍ୟକ୍ତିଗତ ଜାଗିର ଭାବେ ବ୍ୟବହାର ଓ ବାଣିଜ୍ୟିକ ସ୍ୱାର୍ଥ ପାଇଁ ଦୁର୍ବଳ କରିବା ଏହାର ମୂଳ ଭିତ୍ତିକୁ ବିପଦରେ ପକାଇଛି । ଗତ ୭୫ ବର୍ଷରେ ସମବାୟ ଆନ୍ଦୋଳନ ତାହାର ଉଦ୍ଦିଷ୍ଟ ସାମାଜିକ ଓ ଆର୍ଥିକ ଉଦ୍ଦେଶ୍ୟ ହାସଲ କରିଛି କି ନାହିଁ ତାହା ସତ୍ୟବାଦୀ ଭାବେ ମୂଲ୍ୟାଙ୍କନ କରିବାର ସମୟ ଆସିଛି ।

ଅତୀତର ଭୁଲଗୁଡ଼ିକୁ ସ୍ୱୀକାର କରି ସମବାୟ ନୀତିଗୁଡ଼ିକୁ ପୁନଃପ୍ରତିବଦ୍ଧ ହୋଇ ଆମେ ସଦସ୍ୟ ଓ ସମାଜକୁ ପ୍ରକୃତରେ ସଶକ୍ତ କରୁଥିବା ଏକ ଭବିଷ୍ୟତ ରୋଡମ୍ୟାପ ତିଆରି କରିପାରିବା । ଏହା ପାଇଁ ସମବାୟ ସଂସ୍କୃତିକୁ ପୋଷଣ ଓ ସଂରକ୍ଷଣ କରିବାକୁ ଏକ ଦୀର୍ଘସ୍ଥାୟୀ ଆନ୍ଦୋଳନ ଆରମ୍ଭ କରିବା କେବଳ ଇଚ୍ଛନୀୟ ନୁହେଁ, ଏହା ସମବାୟର ଟିକାଉ ଓ ପୁନରୁଜ୍ଜୀବନ ପାଇଁ ଅତ୍ୟନ୍ତ ଆବଶ୍ୟକ ।


*ଅଧ୍ୟକ୍ଷ, ପ୍ରଶାସନିକ ପରିଷଦ,*
*ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କ*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ମନପସନ୍ଦର ହେଲ୍‌ଥ ଡ୍ରିଙ୍କ୍

# ଡିଟକ୍ସ ୱାଟର୍

ଜଳକୁ ପ୍ରକୃତି ବିଶୋଧନ କ୍ଷମତା ଦେଇଛି । ପ୍ରତ୍ୟେକ ଆବର୍ଜନାକୁ ସଫା କରିଦେଇପାରେ ଏହା । ଏହାର ଚମତ୍କାରିତା ଗୁଣ ରହିଛି । ସୁସ୍ୱାସ୍ଥ୍ୟର ବୀଜ ରହିଛି ଏଥିରେ । ତେବେ ଆଜିକାଲି ସ୍ୱାସ୍ଥ୍ୟ ଓ ସୁଠାମତା କ୍ଷେତ୍ରରେ ଏକ ଶବ୍ଦର ପ୍ରଚଳନ ବହୁଳ ହେଉଛି । ଏହା ହେଉଛି ଡିଟକ୍ସ ୱାଟର ବା ବିଶୋଧିନୀ ଜଳ । ସାଧାରଣ ବିଶୁଦ୍ଧ ପାନୀୟ ଜଳ ତୁଳନାରେ ଏହାର ସ୍ୱାସ୍ଥ୍ୟ ସହାୟକ ଗୁଣ ଖୁବ୍ ଅଧିକ । ତେବେ ସବୁଠାରୁ ବଡ଼ କଥା ଏହି ବିଶୋଧିନୀ ଜଳ ଆପଣ ନିଜ ଘରେ ନିଜ ପାଇଁ ନିଜ ଆବଶ୍ୟକତା ଅନୁସାରେ ଓ ବଜେଟ୍ ମଧ୍ୟରେ ରହି ତିଆରି କରିପାରିବେ । ଏହା ବଜାରରେ ଉପଲବ୍ଧ ଯେ କୌଣସି ହେଲ୍‌ଥ ଡ୍ରିଙ୍କ ତୁଳନାରେ ସ୍ୱାସ୍ଥ୍ୟପ୍ରଦ ଓ ସୁସ୍ୱାଦୁ ହୋଇପାରିବ । ଏଥିସହ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ଜଳ ମଧ୍ୟ ଗ୍ରହଣ କରିପାରିବେ ।







ସାଧାରଣ ପାନୀୟ ଜଳରେ ଆପଣଙ୍କ ନିକଟରେ ଉପଲବ୍ଧ ଯେକୌଣସି ରସାଳ ଫଳ, କୋଳି ଇତ୍ୟାଦିକୁ ଛୋଟ ଛୋଟ କିମ୍ବା ପତଳା ଖଣ୍ଡରେ କାଟି ପକାଇ କେଇଘଣ୍ଟା ରଖିବା ପରେ ଏହା ଡିଟକ୍ସ ୱାଟର ବା ବିଶୋଧନୀ ଜଳରେ



ପରିଣତ ହୋଇଯାଏ । ଫ୍ରିଜ୍‌ରେ ରଖି ଏହାକୁ ଦୁଇ ତିନିଦିନ ପର୍ଯ୍ୟନ୍ତ ବ୍ୟବହାର କରିହେବ । ଏଥିପାଇଁ ପ୍ରଥମେ ଗୋଟିଏ କାଚ ଜାର୍ କିମ୍ବା ବଡ଼ ମୁହଁ ଥିବା କାଚ ଜାର୍‌ରେ ପାଣି ଭର୍ତ୍ତି କରିବା ପରେ ସେଓ, ତରଭୁଜ, କମଳା, ଲେମ୍ବୁ, କାକୁଡ଼ି ଏବଂ ନାନାପ୍ରକାର କୋଳି ଛୋଟଛୋଟ ଖଣ୍ଡରେ ପକାଇ ଫ୍ରିଜ୍‌ରେ କେଇଘଣ୍ଟା ରଖିଦିଅନ୍ତୁ । କୋଳି ଗୋଟା



ପକାଉଥିଲେ ଏହାକୁ ସାମାନ୍ୟ ଚକଟି ଦେଇପାରିବେ । ଫଳରେ ଥିବା ରସ ଏବଂ କିଛି ପରିମାଣର ତନ୍ତୁ ଧୀରେ ଧୀରେ ପାଣିରେ ମିଶିଯାଇ ଏହାକୁ ଉଭୟ ପୋଷକତତ୍ତ୍ୱ ଏବଂ ମହକ ଦେବ । ଆପଣ ଏଥିରେ ନିଜ ପସନ୍ଦ ଅନୁଯାୟୀ ପୋଦିନା ପତ୍ର କିମ୍ବା ତୁଳସୀ ପତ୍ର ମଧ୍ୟ ପକାଇ ପାରିବେ । ଏହି ପାଣି ପ୍ରସ୍ତୁତ କରିବା ପାଇଁ ନିଜ ପସନ୍ଦର ଫଳ ନେବା ଉଚିତ । ତେବେ ଋତୁକାଳୀନ ଫଳ ଅଧିକ ଲାଭଦାୟକ ହୁଏ କାରଣ ସେହି ଋତୁରେ ଏଥିରେ ସର୍ବାଧିକ ପୋଷକତତ୍ତ୍ୱ ଥାଏ । ଥରେ ଫଳରେ ଥିବା ପୋଷକତତ୍ତ୍ୱ ଏବଂ ତନ୍ତୁ ପାଣିରେ ମିଶିଯିବା ପରେ ଫ୍ରିଜ୍‌ରେ ରଖି ଏହାକୁ ଦୁଇ ତିନିଦିନ ପର୍ଯ୍ୟନ୍ତ ବ୍ୟବହାର କରିହେବ ।

ଦିନରେ ଦୁଇ ତିନିଲିଟର ପର୍ଯ୍ୟନ୍ତ ପାଣି ପିଇଲେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଜଳୀୟ ଉପାଦାନ ମିଳିବା ସହ ଶରୀରରେ ଥିବା ବିଷାକ୍ତ ଉପାଦାନ ବାହାରି ଯାଇପାରିବ । କିନ୍ତୁ ଅଧିକାଂଶ ଲୋକ ଏହାକୁ ନିୟମିତ ଭାବରେ କରନ୍ତି ନାହିଁ । ଶୋଷ ନଥାଇ କେବଳ ସ୍ୱାସ୍ଥ୍ୟଗତ କାରଣରୁ ପାଣି ପିଇବା ମଧ୍ୟ ବିରକ୍ତିକର । କିନ୍ତୁ ଫଳର ପୋଷକତତ୍ତ୍ୱ ଥିବା ଏହି ଡିଟକ୍ସ ୱାଟର ସୁସ୍ୱାଦୁ ହେବା ସହ ଆକର୍ଷକ ମଧ୍ୟ । ବଜାରରେ ମିଳୁଥିବା ଫଳରସ କିମ୍ବା ପ୍ୟାକେଟ୍ ହୋଇଥିବା ଫଳରସଠାରୁ ଏହା ଅଧିକ ସ୍ୱାସ୍ଥ୍ୟପ୍ରଦ । ଏହି ଜଳ ସମୁଦାୟ ଫଳର ସମସ୍ତ ସୁଗୁଣ ଦେଇପାରୁନଥିଲେ ମଧ୍ୟ ଏହାକୁ ନେବା ଆଣିବା କରିବା ଏବଂ ଆବଶ୍ୟକତା ଅନୁଯାୟୀ ପିଇବା



ସହଜସାଧ୍ୟ । ଜଳରେ ଅଧିକ ପରିମାଣର ଲେମ୍ବୁ ଜାତୀୟ ଫଳ ମିଶିଥିଲେ ଏହା ପାଚନକ୍ରିୟାକୁ ସହଜ କରେ । ସବୁବେଳେ ମନେ ରଖିବାକୁ ହେବ ଫଳକୁ ପରିଷ୍କାର କରି ଧୋଇ ଚୋପା ସହିତ କାଟି ପାଣିରେ ପକାଇବା ଆବଶ୍ୟକ । ଏହା ସାଧାରଣ ପାନୀୟ ଜଳ ତୁଳନାରେ ଅଧିକ ସହଜରେ ଶରୀରକୁ ବିଶୋଧନ କରିପାରେ । ଏଥିସହ ଶରୀରକୁ ଆବଶ୍ୟକ ପରିମାଣର ପୋଷକ ତତ୍ତ୍ୱ ଦେଇପାରେ ।

ପାଚନ ଏବଂ ତ୍ୱଚା ପାଇଁ ଲାଭଦାୟକ ହେବା ସହ ଏହା ଶରୀର ମେଦ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ । ୨୦୧୩ ମସିହାରେ ଦି ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନର ସୂଚନା ଅନୁଯାୟୀ ପାଣି ପିଇବା ଏବଂ ଶରୀରର ଓଜନ ମଧ୍ୟରେ ଆନୁପାତିକ ସମ୍ପର୍କ ରହିଛି । ସବୁଠାରୁ ପ୍ରଥମ କଥା ହେଉଛି ପାଣି ପିଇବା ପରେ ପେଟ ଭରିବା ପରି ଲାଗେ, ତେଣୁ ଲୋକମାନେ କମ୍ ଖାଆନ୍ତି । ତେଣୁ ଯେଉଁମାନେ ଅଧିକ ପାଣି ପିଅନ୍ତି ସେମାନଙ୍କ ଶରୀରର ଓଜନ କମ୍ ଥାଏ । ତେବେ ଖାଦ୍ୟ ବଦଳରେ ପାଣିର ପରିମାଣ ଅଧିକ ହେବା ଦ୍ୱାରା ଶରୀରରେ ପୋଷକତତ୍ତ୍ୱର ଆବଶ୍ୟକତା ପୂରଣ ହୋଇପାରେ ନାହିଁ । କିନ୍ତୁ ଫଳ ପଡ଼ିଥିବା ବିଶୋଧିନୀ ଜଳ ସବୁପ୍ରକାରର ପୋଷକତତ୍ତ୍ୱ ଆବଶ୍ୟକତା ପୂରଣ କରିପାରେ । ଫଳରେ ଥିବା ସର୍କରା ଶରୀରର ସର୍କରା ଆବଶ୍ୟକତାକୁ ମଧ୍ୟ ପୂରଣ କରିଦେଇପାରେ ।

ପାଣି ପିଇବା ଏବଂ ଶରୀରର ଓଜନ ମଧ୍ୟରେ ଆନୁପାତିକ ସମ୍ପର୍କ ରହିଛି । ସବୁଠାରୁ ପ୍ରଥମ କଥା ହେଉଛି ପାଣି ପିଇବା ପରେ ପେଟ ଭରିବା ପରି ଲାଗେ, ତେଣୁ ଲୋକମାନେ କମ୍ ଖାଆନ୍ତି । ତେଣୁ ଯେଉଁମାନେ ଅଧିକ ପାଣି ପିଅନ୍ତି ସେମାନଙ୍କ ଶରୀରର ଓଜନ କମ୍ ଥାଏ । ତେବେ ଖାଦ୍ୟ ବଦଳରେ ପାଣିର ପରିମାଣ ଅଧିକ ହେବା ଦ୍ୱାରା ଶରୀରରେ ପୋଷକତତ୍ତ୍ୱର ଆବଶ୍ୟକତା ପୂରଣ ହୋଇପାରେ ନାହିଁ । କିନ୍ତୁ ଫଳ ପଡ଼ିଥିବା ବିଶୋଧିନୀ ଜଳ ସବୁପ୍ରକାରର ପୋଷକତତ୍ତ୍ୱ ଆବଶ୍ୟକତା ପୂରଣ କରିପାରେ । ଫଳରେ ଥିବା ସର୍କରା ଶରୀରର ସର୍କରା ଆବଶ୍ୟକତାକୁ ମଧ୍ୟ ପୂରଣ କରିଦେଇପାରେ ।



ତେବେ ପ୍ରତ୍ୟେକ ଜିନିଷ ସୀମା ବାହାରକୁ ଯିବା କ୍ଷତିକାରକ । ସେହିପରି ବିଶୋଧିନୀ ଜଳ ମଧ୍ୟ । ଦିନରେ ଦୁଇ ତିନି ଲିଟରଠାରୁ ଅଧିକ ପାଣି ପିଇଲେ ଶରୀରରେ ଜଳର ପରିମାଣ ଅଧିକ ହୋଇଯାଏ ଏବଂ କିଡ୍‌ନୀ ଉପରେ ଚାପ ପଡେ । ଶରୀରରେ ସୋଡିୟମ୍ ସ୍ତର ଅସନ୍ତୁଳିତ ହୋଇ ଦୁର୍ବଳତା ଓ ମାଂସପେଶୀ ଯନ୍ତ୍ରଣା ଦେଖାଦିଏ । ତେଣୁ ଦିନରେ ଦୁଇ ତିନି ଲିଟର ପର୍ଯ୍ୟନ୍ତ ଡିଟକ୍ସ ୱାଟର ପିଇବା ହିଁ ସମୀଚୀନ । ସବୁଠାରୁ ବଡ଼ କଥା ବାହାରକୁ ଯିବା ବେଳେ ଏହି ଜଳ ନିଜ ସହ ନେଇଯିବା ପାଇଁ ସ୍ୱତନ୍ତ୍ର ପ୍ରକାରର ଇନ୍‌ଫ୍ୟୁଜର ବଟଲ୍ ଉପଲବ୍ଧ ହେଉଛି । ଏହାର ମଝି ଅଂଶରେ କଟା ଫଳକୁ ରଖି ପାଣି ବୋତଲ ମଧ୍ୟରେ ରଖି ହେଉଛି ଏବଂ ଘର ବାହାରେ ଆବଶ୍ୟକତା ଅନୁଯାୟୀ ଏହି ପାଣି ପିଇ ହେଉଛି ।

ଦିନକୁ ଦିନ ଆମର ପରିବେଶ ବିଷାକ୍ତ ହେଉଥିବାରୁ ଆମ ଶରୀରକୁ ନିୟମିତ ଭାବରେ ସଫା ରଖିବାର ଆବଶ୍ୟକତା ଦେଖାଦେଇଛି । ଆମ ଶରୀରର ଯକୃତ, ବୃକକ୍ ଏବଂ ଫୁସ୍‌ଫୁସ୍ ଶରୀରକୁ ନିର୍ମଳ ରଖିବା ପାଇଁ କାର୍ଯ୍ୟରତ ଥାଆନ୍ତି । ଡିଟକ୍ସ ୱାଟର ଏସବୁ ଅଙ୍ଗର କାର୍ଯ୍ୟକ୍ଷମତା ବଢ଼ାଇ ଥାଆନ୍ତି ।

## ବିଭିନ୍ନ ପ୍ରକାର ବିଶୋଧିନୀ ଜଳ

**ବିଟ୍** : ଯକୃତରୁ ନିର୍ଗତ ହେଉଥିବା ବାଇଲ୍ ରସକୁ ପତଳା କରିବାରେ ସାହାଯ୍ୟ କରେ ବିଟ୍ । ଏହା ଯକୃତର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରେ । ଆପଣ ଦୁଇ ଲିଟର ପାଣିରେ ଫାଳେ ବିଟ୍‌କୁ ପତଳା କରି କାଟି ଏଥିରେ ଚାରି ଚାମଚ କଟା ପୋଦିନା ପତ୍ର ଓ ଫାଳେ ଲେମ୍ବୁର ରସ ପକାଇ ବିଶୋଧିନୀ ଜଳ ପ୍ରସ୍ତୁତ କରିପାରିବେ । ଫ୍ରିଜ୍‌ରେ ୧୨-୧୪ ଘଣ୍ଟା ରହିବା ପରେ ଏହି ପାଣି ପିଇବା ପାଇଁ ପ୍ରସ୍ତୁତ ହୋଇଯାଇପାରିବ । ଫ୍ରିଜ୍‌ରେ ରଖି ଏହାକୁ ଚାରିଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରିବେ ।

**କମଳା, ସେଓ** : ସେଓ ଏବଂ କମଳାରେ ପେକ୍ଟିନ୍ ଥାଏ । ଯାହାକି ଓଜନିଆ ଧାତୁକୁ ବାନ୍ଧି ନେଇ



ଶରୀରରୁ ମଳ ଦ୍ୱାରା ନିଷ୍କାସନ କରିନିଏ । ଏହା ଯକୃତର କାମକୁ ସହଜ କରିନିଏ । କମଳାର ଚୋପା ତଳେ ଥିବା ପତଳା ଧଳା ଅଂଶରେ ଅଧିକ ପରିମାଣର ପେକ୍ଟିନ୍ ଥାଏ । ତେଣୁ ପାଣିରେ ପକାଇବା ସହ ଚୋପା ଏବଂ ଏହି ଧଳା ଅଂଶ ମଧ୍ୟ ଏଥିରେ ରଖିବା ଉଚିତ୍ । ଏହି ପାଣି ପ୍ରସ୍ତୁତ କରିବା ପାଇଁ ଦୁଇ ଲିଟର ପାଣିରେ ଦୁଇଟି କମଳା ଏବଂ ଦୁଇଟି ସେଓକୁ ଛୋଟ ଛୋଟ ଖଣ୍ଡରେ କାଟି ପକାଇ ୨୪ଘଣ୍ଟା ପରେ ପିଇପାରିବେ ।



**ପୋଦିନା, ଅଙ୍ଗୁର** : ଏହି ଉପାଦାନକୁ ପାଣିରେ ପକାଇ ପିଇବା ଦ୍ୱାରା ବୃକ୍କ ସଫା ହୁଏ ଏବଂ ତ୍ୱଚାର ଚମକ ବଢ଼େ । ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରେ । ଦୁଇ ଲିଟର ପାଣିରେ ଫାଳେ ଲେମ୍ବୁ, ଫାଳେ କାଗେଜି ଲେମ୍ବୁ, ଦୁଇଟି ଅଙ୍ଗୁର, ଫାଳେ କମଳା, ପତଳା କଟାଯାଇଥିବା ଗୋଟିଏ କାକୁଡ଼ି, ଏକ ଚାମଚ ଅଦା ଛେଚା ଏବଂ ମୁଠାଏ ପୋଦିନା ପତ୍ର ପକାଇ ଏହି ପାଣି ପ୍ରସ୍ତୁତ କରିହେବ । ଏହାକୁ ଫ୍ରିଜ୍‌ରେ କେଇଘଣ୍ଟା ରଖିବା ପରେ ବ୍ୟବହାର କରିହେବ । ତେବେ ଲେମ୍ବୁ ଜାତୀୟ ଫଳ ପକାଯାଉଥିବାରୁ ଏହି ପାଣିକୁ ୨୪ଘଣ୍ଟା ମଧ୍ୟରେ ଶେଷ କରିନେବା ଉଚିତ୍ ।



**ସପୁରି, ଆଖୁ** : ପାଣିରେ ସପୁରି ଏବଂ ଆଖୁକୁ ଖଣ୍ଡ ଖଣ୍ଡ କରି ପକାଇ କେଇଘଣ୍ଟା ରଖି ପିଇବା ଦ୍ୱାରା ଶରୀରରେ ଥିବା ଫ୍ରିରେଡିକାଲ୍ ଗୁଡ଼ିକ ନଷ୍ଟ ହୁଏ । ଏହି ପାଣିକୁ ଯେତେ ଅଧିକ ସମୟ ଫ୍ରିଜ୍‌ରେ ରଖିବେ ଏହାର ସ୍ୱାଦ ସେତେ ବଢ଼ିବ ।

**ସପୁରି, ତୁଳସୀ** : ଦୁଇ ଲିଟର ପାଣିରେ ୪-୫ଟି ଜାମ୍ବୁକୋଳି, ଅଧାକପ୍ ସପୁରି, ଦୁଇ ଚାମଚ ସେଓ ରସ ଏବଂ ୪-୫ଟି ତୁଳସୀପତ୍ର ପକାଇ କେଇଘଣ୍ଟା ରଖିବା ପରେ ବ୍ୟବହାର କରନ୍ତୁ । ଏହି ପାଣି ଶରୀରର ଚାପ ଦୂର କରିବାରେ ସହାୟକ ହୋଇଥାଏ । ତୁଳସୀ ଶରୀରର ହାନିକାରକ ତତ୍ତ୍ୱଗୁଡ଼ିକୁ ନଷ୍ଟ କରିବା ସହ ଏଥିରେ ଥିବା ମ୍ୟାଗ୍ନେସିୟମ୍ ହୃଦୟକୁ ନିରାପଦ ରଖିବାରେ ସହାୟକ ହୋଇଥାଏ ।

**ତରଭୁଜ** : ତରଭୁଜ ଶରୀରର ବିଷାକ୍ତ ଉପାଦନକୁ ନିଷ୍କାସନ କରିବାରେ ସାହାଯ୍ୟ କରେ । ଲିଟରେ ପାଣିରେ ଚାରିକପ୍ କଟା ତରଭୁଜ ପକାଇ ଫ୍ରିଜ୍‌ରେ ରଖି ସାରାଦିନ ବ୍ୟବହାର କରିବା ଅଧିକ ଉପଯୋଗୀ ହୋଇଥାଏ ।

**ଆମ୍ବ-ଅଦା** : ଉଭୟ ଅଦା ଏବଂ ଆମ୍ବ ଶରୀରର ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଦା ପ୍ରାକୃତିକ ଯନ୍ତ୍ରଣା ନିବାରକ ଭାବରେ କାର୍ଯ୍ୟ କରେ । ଆମ୍ବ ଶରୀରର ହାନିକାରକ ତତ୍ତ୍ୱକୁ ନିଷ୍କାସନ କରିଦିଏ । ଦୁଇ ଲିଟର ପାଣିରେ ଇଞ୍ଚେ ଅଦା କଟା ସହ କପେ ତାଜା ଆମ୍ବ କଟା ପକାଇ କେଇଘଣ୍ଟା ରଖିବା ଆବଶ୍ୟକ ।

ଦିନରେ ଦୁଇ ତିନିଲିଟର ପର୍ଯ୍ୟନ୍ତ ପାଣି ପିଇଲେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଜଳୀୟ ଉପାଦାନ ମିଳିବା ସହ ଶରୀରରେ ଥିବା ବିଷାକ୍ତ ଉପାଦାନ ବାହାରି ଯାଇପାରିବ । କିନ୍ତୁ ଅଧିକାଂଶ ଲୋକ ଏହାକୁ ନିୟମିତ ଭାବରେ କରନ୍ତି ନାହିଁ । ଶୋଷ ନଥାଇ କେବଳ ସ୍ୱାସ୍ଥ୍ୟଗତ କାରଣରୁ ପାଣି ପିଇବା ମଧ୍ୟ ବିରକ୍ତିକର । କିନ୍ତୁ ଫଳର ପୋଷକତତ୍ତ୍ୱ ଥିବା ଏହି ଡିଟକ୍ସ ୱାଟର ସୁସ୍ୱାଦୁ ହେବା ସହ ଆକର୍ଷକ ମଧ୍ୟ । ବଜାରରେ ମିଳୁଥିବା ଫଳରସ କିମ୍ବା ପ୍ୟାକେଟ୍ ହୋଇଥିବା ଫଳରସଠାରୁ ଏହା ଅଧିକ ସ୍ୱାସ୍ଥ୍ୟପ୍ରଦ ।

ତରଭୁଜ ଓ କାକୁଡ଼ିରେ ସାଇଟ୍ରୁଲିନ୍ ନାମକ ଏକ ଜୈବିକ ଯୌଗିକ ଉପାଦାନ ଥାଏ । ଏହା ଏକପ୍ରକାରର ଆମିନୋ ଏସିଡ । ଏହା ଲିଭର୍ ଓ କିଡ୍‌ନୀର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହ ଶରୀରରୁ ହାନିକାରକ ଆମୋନିଆ ନିଷ୍କାସନ କରିଦିଏ । ଶରୀରରେ ଶକ୍ତି ନିମନ୍ତେ ପ୍ରୋଟିନ୍‌ର ଦହନ ଦ୍ୱାରା ଆମୋନିଆ ସୃଷ୍ଟି ହୁଏ ଏବଂ ଏହା ଆମ ଶରୀରର କୋଷଗୁଡ଼ିକ ପାଇଁ କ୍ଷତିକାରକ ।

**ଲେମ୍ବୁ** : ଲେମ୍ବୁ ଓ ଅନ୍ୟାନ୍ୟ ଲେମ୍ବୁ ଜାତୀୟ ଫଳ ଆମର ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ତେଣୁ ଲେମ୍ବୁ ପାଣି ପିଇବା ଦ୍ୱାରା ଖାଦ୍ୟ ବଦହଜମୀ, କୋଷ୍ଠକାଠିନ୍ୟତା, ଛାତି



ଜଳିବା ଓ ଗ୍ୟାସ୍ ପରି ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ଏହା ବାଇଲ୍ ରସକୁ ପତଳା କରି ଏହାର କାର୍ଯ୍ୟକ୍ଷମତା ବୃଦ୍ଧି କରେ ।

**ପୋଦିଦା ପତ୍ର** : ପୋଦିନା ପତ୍ରର ବାସ୍ନା ସତେଜକାରୀ ଏହା ମଧ୍ୟ ଲେମ୍ବୁ ପରି ବାଇଲ୍ ରସକୁ ପତଳା କରି ଲିଭରର କାର୍ଯ୍ୟକ୍ଷମତା ବୃଦ୍ଧି କରେ । ପେଟ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଏହା ଉପଶମ କରିଥାଏ ।

**ଅଙ୍ଗୁର** : ଏଥିରେ ଅଧିକ ପରିମାଣର ଆଣ୍ଟି ଅକ୍ସିଡାଣ୍ଟ ଓ ଭିଟାମିନ୍ ସି' ଥାଏ । ଏହା ଶରୀରୁ କ୍ୟାନ୍‌ସର ସୃଷ୍ଟିକାରୀ ଉପାଦାନକୁ ନିଷ୍କାସିତ କରିବାରେ ସାହାଯ୍ୟ କରିଥାଏ । ବିଭିନ୍ନ ଖାଦ୍ୟ ଦେଇ ଶରୀରରେ ଜମା ହେଉଥିବା କୀଟନାଶକକୁ ମଧ୍ୟ ଏହା ସହଜରେ ଶରୀରରୁ ନିଷ୍କାସିତ କରିଦିଏ ।

ସବୁପ୍ରକାର ଫଳ ସୂକ୍ଷ୍ମ ପୋଷକ ତତ୍ତ୍ୱରେ ଭରପୂର । ତେବେ ଆମେ ବଜାରରେ ମିଳୁଥିବା ଦାମୀ ଫଳ ଉପରେ ନିର୍ଭର ନକରି ଆଖପାଖରେ ସହଜରେ ମିଳୁଥିବା ଫଳରୁ ଡିଟକ୍ସ ୱାଟର ପ୍ରସ୍ତୁତ କରି ଏହାଦ୍ୱାରା ଶରୀରକୁ ବିଶୋଧନ କରିପାରିବା।

ଘରେ ନିତିଦିନ ବ୍ୟବହାର ପାଇଁ କାକୁଡ଼ି, ଲେମ୍ବୁ, ଅଦା, ପୋଦିନାପତ୍ର, ତୁଳସୀ ପତ୍ର ଓ ଏଥିସହ ଋତୁକାଳୀନ ଫଳକୁ ନେଇ ବିଶୋଧିନୀ ଜଳ ପ୍ରସ୍ତୁତ କରାଯାଇପାରିବ । ଗବେଷଣାରୁ ଜଣାପଡ଼ିଛି ଏପରି ଫଳ ମିଶ୍ରିତ ଜଳ ଶରୀରରୁ ବିଷାକ୍ତ ଉପାଦନ ନିଷ୍କାସିତ କରିବା ସହ ହୃତ୍‌ପିଣ୍ଡ, ବୃକକ୍ ଓ ଯକୃତକୁ ସୁସ୍ଥ ରଖେ । ଏହା ଶରୀରର ଓଜନ ହ୍ରାସ କରିବା ସହ ତ୍ୱଚାର ଚମକ ବଢ଼ାଇଥାଏ ।







ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 11th February, 2026 Wednesday | RNI Regd. No. ODIODI/2009/28880

# ପେଟରେ ଛାଡ଼ିଥିବା କପଡ଼ା ମଳରେ ବାହାରିଲା

**ସମ୍ବଲପୁର,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରସବ ପାଇଁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ମହିଳାଙ୍କୁ ଡାକ୍ତରଙ୍କ ଅବହେଳା ଯୋଗୁ ଅନେକ ଯାତନା ଭୋଗିବାକୁ ପଡିଛି। ଅସ୍ତ୍ରୋପଚାରର ୪ ମାସ ପରେ ମହିଳାଙ୍କ ମଳଦ୍ୱାରରୁ ବାହାରିଛି ଗଜକପଡା। ଅସ୍ତ୍ରୋପଚାର ସମୟରେ ଚରମ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୀଡିତ ମହିଳାଙ୍କ ପରିବାର ଲୋକେ ଦାବି କରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ କୁଲଥକାନି ଅଞ୍ଚଳର ଜଣେ ମହିଳା ଗତ ସେପ୍ଟେମ୍ବର ୨୪ରେ ପ୍ରସବ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ଜରିଆରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। କିନ୍ତୁ ଶିଶୁପୁତ୍ର ଜନ୍ମ ହେବାର ଦେଢ଼ ମାସ

## ଡାକ୍ତରଙ୍କ ଖେଳ: ରୋଗୀଙ୍କୁ କାଳ

ପରେ ମହିଳାଙ୍କ ପେଟରେ ସାଂଘାତିକ ଯନ୍ତ୍ରଣା ଆରମ୍ଭ ହୋଇଥିବା କହିଛନ୍ତି ମହିଳାଙ୍କ ସ୍ୱାମୀ। ଚିକିତ୍ସା ପାଇଁ ପୁଣିଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ପ୍ରସବ ସମୟରେ ଚିକିତ୍ସା କରିଥିବା ମହିଳା ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ସଂପୃକ୍ତ ମହିଳା ଡାକ୍ତରଜଣକ ଏହା ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ବନ୍ଧୀୟ ସମସ୍ୟା ନୁହେଁ ବୋଲି କହି ଅନ୍ୟତ୍ର ଦେଖାଇବାକୁ ପରାମର୍ଶ ଦେଇଥିଲେ। ପରେ ପୀଡିତ ମହିଳାଙ୍କୁ ବିଭିନ୍ନ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲେ ଯନ୍ତ୍ରଣା ଲାଘବ ହୋଇନଥିଲା। ଶେଷରେ ବୁର୍ଲା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ କରାଇବା ପରେ ମହିଳାଙ୍କ ପେଟରେ କିଛି ବସ୍ତୁ ରହିଥିବା ଜଣାପଡିଥିଲା। ସେଠାକାର ଡାକ୍ତର ମଧ୍ୟ ସର୍ଜରି ଡାକ୍ତରଙ୍କ ପାଖକୁ ନେବାକୁ ପରାମର୍ଶ ଦେଇଥିଲେ। ପୁଣି ଥରେ ମହିଳା ବିଭିନ୍ନ ଡାକ୍ତରଙ୍କ ପାଖକୁ ଯାଇଥିଲେ ବି କିଛି ଲାଭ ହୋଇନଥିଲା।

ତେବେ, ଗତ ୩୧ ଜାନୁଆରି ରାତିରେ ବାଥରୁମ୍ ଯାଇଥିବା ସମୟରେ ମହିଳାଙ୍କ ମଳଦ୍ୱାରରୁ ଗଜକପଡ଼ା ବାହାରିଥିଲା। କପଡ଼ା ବାହାରିବା ପରେ ମହିଳାଙ୍କୁ ନେଇ ପୁଣି ଥରେ ତାଙ୍କ ସ୍ୱାମୀ ପ୍ରସବ



ସମୟରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ଡାକ୍ତର ଜଣକ ତାଙ୍କ କଥାକୁ ଭୁଲ୍ ବୋଲି କହିଥିଲେ। ପରେ ସେ ପୁଣି ମହିଳା ଜଣକ ବୁର୍ଲା ଡାକ୍ତରଖାନାକୁ ଯାଇଥିଲେ। ଗତ ସୋମବାର ଦିନ ପୁଣିଥରେ ମହିଳାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ମହିଳାଙ୍କ ମଳଦ୍ୱାରରୁ ଆଉ ଏକ କପଡ଼ା ବାହାରିଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ପୀଡିତା ମହିଳା ନ୍ୟାୟ ପାଇଁ ସିଡିଏମଓ ଡାକ୍ତର ପ୍ରଦୀପ ହୋତାଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଡାକ୍ତର ଶ୍ରୀ ହୋତା କହିଛନ୍ତି, ଏଭଳି ଘଟଣା ହୋଇନଥିବ। ଏହି ଘଟଣାକୁ ନେଇ ଏକ କମିଟି ଗଠନ କରାଯାଇ ମଧ୍ୟ ତଦନ୍ତ କରାଯିବ। ଅଭିଯୋଗ ସତ୍ୟତା ଥିବା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେପଟେ ଏହି ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ କହିଛନ୍ତି ଏହାର ତଦନ୍ତ ଏବଂ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ହେଲ୍ଥ ଟନିକ୍



### ଦୁଇ ବନ୍ଧୁଙ୍କ ବାହାଦୁରୀ

ଦୁଇ ପୁରୁଷ ବନ୍ଧୁଙ୍କ ବାଟରେ ଦେଖାହେଲା। ଦୁହେଁ ଯଦିଓ ଘରେ ଗଧ ପରି ଖଟନ୍ତି, କିନ୍ତୁ ବାହାରେ ଭାରି ବାହାଦୁରୀ ମାରନ୍ତି ଯେ ଘରେ ତାଙ୍କର ଦବ୍‌ଦବା ରହେ। ସେ ଉଠ୍ କହିଲେ ପତ୍ନୀ ଉଠିବେ ସେ ବସ୍ କହିଲେ ପତ୍ନୀ ବସିବେ... ଏପରି ଅନେକ କଥା।

ପ୍ରଥମ ବନ୍ଧୁ ପଚାରିଲେ- କିରେ, କାଲି ରାତି ଆଠଟାରେ ଫୋନ୍ କରିଥିଲି ଉଠାଇଲୁନି ?

ଦ୍ୱିତୀୟ ବନ୍ଧୁ- ମୁଁ ବୋଧେ ଖାଇକି ଶୋଇଥିଲି।

ପ୍ରଥମ ବନ୍ଧୁ - ନା, ଭାଉଜ ତ କହିଲେ ସିଏ ରୋଷେଇ କରୁଛନ୍ତି

ଦ୍ୱିତୀୟ ବନ୍ଧୁ ଟିକେ ହଡ଼ବଡ଼େଇ ଗଲେ। ସିଏ ବି କି ଛାଡ଼ିବା ଲୋକ। ନିଜକୁ ସମ୍ଭାଳି ନେଇ କହିଲେ- ତା' ପରେ ପରେ ବା ମୁଁ ପାଲଟା ଫୋନ୍ ଲଗେଇଥିଲି ତମକୁ। ଫୋନ୍‌ଟା ଭାଉଜ ଉଠେଇ କହିଲେ- ତମେ ବାସନ ମାଜୁଥିଲ।

# ଟି-୨୦ ବିଶ୍ୱକପ: ୟୁଏଇ ବିପକ୍ଷରେ ୧୦ ୱିକେଟରେ ନ୍ୟୁଜିଲ୍ୟାଣ୍ଡ ବିଜୟୀ



**ଚେନ୍ନାଇ,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟି-୨୦ ବିଶ୍ୱକପରେ ନୂଆ ରେକର୍ଡ କରିଛନ୍ତି ନ୍ୟୁଜିଲ୍ୟାଣ୍ଡର ଟିମ ସେଫର୍ଟ ଓ ଫିନ ଆଲେନ। ରେକର୍ଡ ଭାଗିଦାରୀ ସହ ଉଭୟ ଖେଳାଳି କ୍ୱିୱି ଟିମକୁ ଦେଇଛନ୍ତି ବଡ ବିଜୟ। ପ୍ରଥମ ୱିକେଟ ପାଇଁ ଉଭୟ ୧୭୫ ରନର ଭାଗିଦାରୀ କରି ୟୁଏଇ ବିପକ୍ଷରେ ନ୍ୟୁଜିଲ୍ୟାଣ୍ଡକୁ ଦେଇଛନ୍ତି ୧୦ ୱିକେଟରେ ବିଜୟ ଭେଟି।

ଚେନ୍ନାଇର ଏମ ଚିଦାମ୍ବରମରେ ଖେଳା ଯାଉଥିବା ଗ୍ରୁପ ସିର ଏହି ମୁକାବିଲାରେ ସେଫର୍ଟ ଓ ଆଲେନ ୟୁଏଇର ପ୍ରତିଟି ବୋଲରଙ୍କ ଧୂଳେଇ କରି ୨୮ ବଲ ପୂର୍ବରୁ ହିଁ ନ୍ୟୁଜିଲ୍ୟାଣ୍ଡକୁ ବିଜୟୀ କରାଇଛନ୍ତି। ଏହା ଚଳିତ ବିଶ୍ୱକପରେ ନ୍ୟୁଜିଲ୍ୟାଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ରାଶିଦ ଖାନଙ୍କ ଆଫଗାନିସ୍ତାନକୁ ହରାଇଥିଲା। ଆଜି ମିଚେଲ ସାଣ୍ଟନରଙ୍କ ନ୍ୟୁଜିଲ୍ୟାଣ୍ଡ ବେଶ ପ୍ରଭାବଶାଳୀ ଢଙ୍ଗରେ ୟୁଏଇକୁ ମାତ ଦେଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ୟୁଏଇ ମଧ୍ୟ ଚିଦାମ୍ବରମ ଷ୍ଟାଡିୟମରେ ଦମଦାର ବ୍ୟାଟିଂ କରିଥିଲା। ଦଳ ପାଇଁ ଅଧିନାୟକ ମହମ୍ମଦ ୱାସିମ ଅପରାଜିତ ୬୬ ରନ ଓ ଆଲିଶାନ ଶରାଫୁ ୪୭ ବଲରେ ୫୫ ରନର ଇନିଂସ ଖେଳିଥିଲେ। ମୟଙ୍କ କୁମାର ଶେଷ ଭାଗରେ ୧୩ ବଲରୁ ୨୧ ରନ ଯୋଡିବାରୁ ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୩ ରନ କରିଥିଲା।

ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ମ୍ୟାଟ ହେନରୀ ୨ଟି ୱିକେଟ ନେଇଥିବା ବେଳେ ଜ୍ୟାବ ଡୁଫୀ, ଲକି ଫର୍ଗୁସନ, ମିଚେଲ ସାଣ୍ଟନର ଓ ଗ୍ଲେନ ଫିଲିପ୍ସ ଗୋଟିଏ ଲେଖାଏ ସଫଳତା ହାସଲ କରିଥିଲେ।

ଲାଗୁଥିଲା ୟୁଏଇ ଏହି ସ୍କୋର ବଳରେ ନ୍ୟୁଜିଲ୍ୟାଣ୍ଡକୁ କିଛି ମାତ୍ରାରେ ଚ୍ୟାଲେଞ୍ଜ ଦେବ। କିନ୍ତୁ ଆରମ୍ଭରୁ ହିଁ ଆଲେନ ଓ ସେଫର୍ଟ ବଡ ଶଟ ଖେଳି ଚାଲିଥିଲେ। ପ୍ରଥମ ୬ ଓଭରରେ ଉଭୟ ୭୮ ରନ ଯୋଡି ୟୁଏଇର ଦ୍ରୁତ ବୋଲିଂ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିଥିଲେ। ଗୋଟିଏ ଗୋଟିଏ ଓଭରରେ ୨୦ ଓ ୨୨ ରନ ଆଦାୟ କରି ୟୁଏଇ ବୋଲରଙ୍କୁ କମବ୍ୟାକର କୌଣସି ସୁଯୋଗ ଦେଇ ନଥିଲେ।

ଉଭୟ ନିଜର ଅର୍ଦ୍ଧଶତକ ହାସଲ କରିବା ସହ ଦ୍ରୁତଗତିରେ ଦଳୀୟ ସ୍କୋରକୁ ୧୦୦ ପାର କରି ଦେଇଥିଲେ। ଶେଷ ଯାଏ ଆଲେନ ୫୦ ବଲରେ ୮୪ ରନ ଓ ସେଫର୍ଟ ୪୨ ବଲରେ ୮୯ ରନର ଇନିଂସ ଖେଳିଛନ୍ତି। ସେଫର୍ଟଙ୍କ ବ୍ୟାଟରୁ ୧୨ଟି ଚୌକା ଓ ୩ଟି ଓ ଆଲେନ ୫ଟି ଚୌକା ଓ ୫ଟି ଛକା ମାରିଛନ୍ତି। ଟି-୨୦ ବିଶ୍ୱକପରେ ଏହା ଯେକୌଣସି ୱିକେଟ ପାଇଁ ସର୍ବୋଚ୍ଚ ଭାଗିଦାରୀ। ଏହା ଟି-୨୦ ଇତିହାସରେ ସର୍ବଶ୍ରେଷ୍ଠ ଭାଗିଦାରୀର ଆଖ୍ୟା ପାଇଛି। ଏହାପୂର୍ବରୁ ଇଂଲଣ୍ଡର ଆଲେକ୍ସ ହେଲ୍ସ ଓ ଜୋଶ ବଟଲର ଅପରାଜିତ ୧୭୦ ରନର ଭାଗିଦାରୀ କରିଥିଲେ।

କିନ୍ତୁ ଏହାକୁ ଆଲେନ ଓ ସେଫର୍ଟ ଯୋଡି ଭାଙ୍ଗି ଦେଇଛନ୍ତି। ସର୍ବାଧିକ ରନର ଭାଗିଦାରୀ ତାଲିକାର ତୃତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକାର ରାଇଲେ ରୁସୋ ଓ କ୍ୱିଣ୍ଟନ ଡି'କକ ରହିଛନ୍ତି। ଉଭୟ ୧୬୮ ରନ ଭାଗିଦାରୀ କରିଥିଲେ।

# ଫେବୃଆରୀ ୧୨ ଧର୍ମଘଟ: ସପକ୍ଷବାଦୀ ଓ ବିରୋଧୀଙ୍କ ପ୍ରସ୍ତୁତି

**ଭୁବନେଶ୍ୱର,୧୦।୨: ତଥ୍ୟ**

ଆସନ୍ତା ୧୨ ତାରିଖ ଗୁରୁବାର ଦିନ ହେବାକୁ ଥିବା ଧର୍ମଘଟ ଓ ବନ୍ଦ ପାଳନରେ ଓଡ଼ିଶା ସମେତ ସାରା ଦେଶ ପ୍ରଭାବିତ ହେବ ବୋଲି ନିଖିଳ ଭାରତ ଶ୍ରମିକ କଂଗ୍ରେସ (ଏଆଇଟିୟୁସି)ର ସାଧାରଣ ସଂପାଦକ ଅମରଜିତ କୌର ଘୋଷଣା କରିଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଏହି ବନ୍ଦ ସାଧାରଣ ଜନଜୀବନକୁ କେତେଦୂର ପ୍ରଭାବିତ କରିବ ତାହା ଉପରେ ସମସ୍ତଙ୍କ ନଜର।

ଏଠାରେ ଉଲ୍ଲେଖନୀୟ ଯେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଏହି ରାଷ୍ଟ୍ରବ୍ୟାପି ଧର୍ମଘଟର ଡାକରା ଦିଆଯାଇଛି ଏବଂ ଏଥିରେ ପ୍ରାୟ ୬୦୦ଟି ଜିଲ୍ଲାର ୩୦ କୋଟିରୁ ଅଧିକ ଶ୍ରମିକ ଅଂଶଗ୍ରହଣ କରିବେ ବୋଲି ବନ୍ଦ ଡାକରା ଦେଇଥିବା ଶ୍ରମିକ ସଂଗଠନମାନେ ଆଶାବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ଗଣସଂଗଠନ ଆଦି ପକ୍ଷରୁ ଫେବୃଆରୀ ୧୨ର ଧର୍ମଘଟକୁ ସଂପୂର୍ଣ୍ଣ ସଫଳ କରିବା ଲାଗି ନିବେଦନ କରାଯାଇଛି। ଏମିତିକି କେତେକ ସଂଗଠନ ପକ୍ଷରୁ ମଧ୍ୟ ଏହାର ସଫଳତା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲୁଛି।

ଗତବର୍ଷ ଜୁଲାଇ ମାସରେ ମଧ୍ୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଧର୍ମଘଟର ଆହ୍ୱାନ ଦିଆଯାଇଥିଲା। ବିଶେଷକରି କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶ୍ରମ ସଂକ୍ରାନ୍ତୀୟ କେତେକ ଆଇନ୍‌କୁ ପ୍ରତ୍ୟାହାର ଦାବି ସହିତ ଆଉ କେତେକ ନୂଆ ବିଲ୍‌କୁ ବିରୋଧ କରି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଏହାଛଡ଼ା କେନ୍ଦ୍ର ସରକାର ଏମ୍‌ଜି ନରେଗା ବଦଳରେ ଭିବି-ଜି ରାମ-ଜି ଆଇନ୍ ପ୍ରଣୟନ କରିଥିବା ଘଟଣାକୁ ମଧ୍ୟ ଏହି ଶ୍ରମିକ ସଂଗଠନମାନେ ବିରୋଧ କରି ପୁଣି ଏମ୍‌ଜି ନରେଗା ଲାଗୁ କରିବାକୁ ଦାବି ରଖିଛନ୍ତି।

କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ରକ୍ଷା ପାଇଁ ରାଜ୍ୟରେ ବ୍ୟାପକ ବନ୍ଦୋବସ୍ତ ହେଉଛି। ଏହି ଧର୍ମଘଟକୁ କେନ୍ଦ୍ରକରି ଓଡ଼ିଶାରେ ଶାସକ ଓ ବିରୋଧୀ ଦଳ ଏକ ପ୍ରକାର ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଓଡ଼ିଶା ଓ ଆସାମରେ ଏହି ବନ୍ଦ ସଂପୂର୍ଣ୍ଣ ସଫଳ ହେବ ଏବଂ ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଏଆଇଟିୟୁସି ପକ୍ଷରୁ ଯେଉଁ ଦାବି କରାଯାଇଛି ତାହା ଶାସକ ବିଜେପି ପାଇଁ ଏକ ଆହ୍ୱାନ ହୋଇଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି।

ପ୍ରତିଥର ଭଳି ଏଥର ବି ଧର୍ମଘଟ ଓ ବନ୍ଦ ପାଳନକୁ ଆଖି ଆଗରେ ରଖି ବ୍ୟାପକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସତର୍କତାମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ତେବେ ଉଦ୍ୟୋକ୍ତାମାନେ କହୁଛନ୍ତି ଯେ ଏହି ବନ୍ଦ ଓ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବେ ଜନସହଯୋଗ ଆଧାରରେ ସଂପୂର୍ଣ୍ଣ ହେବ ବୋଲି ସେମାନଙ୍କ ପୂରା ବିଶ୍ୱାସ ରହିଛି।

### ବନ୍ଦେ ମାତରମର ବାର୍ଷିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ

# ବଣ୍ଟାଗଲା କିଛି ଲେଖା ନ ଥିବା ସାର୍ଟିଫିକେଟ

**ଆଳି,୧୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସ୍ତରୀୟ ବନ୍ଦେ ମାତରମର ୧୫୦ତମ ବାର୍ଷିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିବା ଦେଖିବାକୁ ମିଳିଛି। ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ସମାରୋହ ଅବସରରେ ପଞ୍ଚାୟତ ସମିତି ଆଳି ପକ୍ଷରୁ ଏକ ପୁରସ୍କାର ବିତରଣ ସମାରୋହ ନିଆଳସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଘୋର ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଳି ତହସିଲଦାର ସୁମନ ଘୋଷ, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷା ମିନତୀ ବାରିକ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରତାପ କୁମାର ସାହୁଙ୍କ ସହ ଦେସାହି ସମିତି ସଭ୍ୟ କୈଳାଶ ଚନ୍ଦ୍ର ବେହୁରା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆଳି ବ୍ଲକର ମୋଟ ୧୭ଟି କ୍ଲଷ୍ଟରର ୨୦୩ ବିଦ୍ୟାଳୟରୁ ମୋଟ ୪୦୬ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ପାଇଁ ଆମନ୍ତ୍ରଣ ଦିଆଯାଇଥିଲା। ତତସହିତ ପ୍ରତ୍ୟକ କ୍ଲଷ୍ଟରର ଜଣେ ଲେଖାଏଁ ସିଆରସିସି, ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ କିମ୍ବା ଶିକ୍ଷୟତ୍ରୀ, ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ, ଆଳି ବ୍ଲକର ପ୍ରାୟ ସମସ୍ତ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟ ତଥା ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବି ମାନଙ୍କ ସହ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମାରୋହକୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ସମାରୋହକୁ ହଜାରେରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ମାତ୍ର ୫ ଶହ ଚେୟାରର ବ୍ୟବସ୍ଥା କରାଯାଇଥିଲା। ଫଳରେ ଅଧିକାଂଶ ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜୀବିଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଛିଡା ହୋଇ ରହିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ତରବରିଆ ଭାବେ ପଞ୍ଚାୟତ ସମିତି ପକ୍ଷରୁ ଗତକାଲି ରାତି ୯ଟା ପରେ ସାମ୍ବାଦିକମାନଙ୍କୁ ନିମନ୍ତ୍ରଣର ସୂଚନା ଦିଆଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ସହ ସିଲ ଦିଆଯାଉଥିବା ବେଳେ ସାର୍ଟିଫିକେଟ ଗୁଡିକରେ କିଛି ଲେଖା ହୋଇ ନ ଥିଲା। ଏହାର ପ୍ରତିବାଦ ହେବାରୁ ତ୍ରୁଟି ଲୁଚେଇବାକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ନଦେଇ କେବଳ ସିଲ ଦିଆଯାଇଥିଲା। ଶେଷରେ ପରିସ୍ଥିତି ଜଟିଳ ହେବାରୁ ପ୍ରତ୍ୟକ କ୍ଲଷ୍ଟରରୁ ସିଆରସିସିଙ୍କୁ ଡକାଯାଇ ସାର୍ଟିଫିକେଟ ବଣ୍ଟା ଯାଇଥିଲା। ଆଳି ବ୍ଲକ ପକ୍ଷରୁ ଏହିଭଳି ତରବରିଆ ଭାବେ ଓ ଅବ୍ୟବସ୍ଥା ମଧ୍ୟରେ କାର୍ଯ୍ୟକ୍ରମ ପରିଚାଳନା ସମଗ୍ର ଆଳି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ ତ୍ରୁଟି ଗୁଡିକୁ ଏଡ଼ାଇବା ସହ ସମସ୍ତ ବ୍ୟବସ୍ଥା ଠିକ୍ ହୋଇଥିବା ପ୍ରତିକ୍ରିୟାରେ କହିଛନ୍ତି। ତେବେ ଜାତୀୟ କାର୍ଯ୍ୟକ୍ରମକୁ ଆଳିର ଉନ୍ନୟନ କର୍ତ୍ତୃପକ୍ଷ ଏପରି ବିକଳ ଭାବରେ ସର୍ବସାଧାରଣରେ ଉପସ୍ଥାପନ କରିଥିବାରୁ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଗାଁ ମଝିରେ ରାଇସ୍ ମିଲ୍: ବିପଦରେ ଗ୍ରାମବାସୀ

**ମହାକାଳପଡ଼ା,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାକାଳପଡ଼ା ବ୍ଲକ୍‌ର ବିଜୟନଗର ଗାଁ ମଝିରେ ଥିବା ଏକ ରାଇସ୍ ମିଲ୍‌କୁ ନେଇ ଚିନ୍ତା ବଢୁଛି। କେବଳ ପ୍ରଦୂଷଣ ନୁହେଁ ଏହି ରାଇସ୍ ମିଲ୍ ପାଇଁ କେତେବେଳେ କୌଣସି ଅଘଟଣ ନଘଟିବ ତାହା କୁହାଯାଇନପାରେ ବୋଲି ଆଶଙ୍କା ଦେଖାଦେଇଛି। ଭଗବାନ ନକରନ୍ତୁ ସେପରି କିଛି ଅଘଟଣ ନଘଟୁ, ହେଲେ ଯଦି ସେପରି କୌଣସି ପରିସ୍ଥିତି ସୃଷ୍ଟି ହୁଏ କେତେଯେ ଧନ ଜୀବନ ର ହାନୀ ହେବ ତା'ର ଇୟତ୍ତା ନାହିଁ ବୋଲି କୁହାଯାଉଛି। ଅନେକ ସଚେତନ ଲୋକଙ୍କ କହିବା କଥାଯେ,କୌଣସି ମିଲ୍ ହେଉ କି ଯେକୌଣସି ପ୍ରକଳ୍ପ ହେଉ, ଲୋକଙ୍କ ଧନଜୀବନର ସୁରକ୍ଷାକୁ ଏଡ଼ାଇ କରାଯାଇପାରିବ ନାହିଁ। ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଆଂଚଳିକ ପ୍ରଦୂଷଣ ବୋର୍ଡ଼ ଆଖିଥାଇ ଅନ୍ଧ ଭଳି ପ୍ରାୟ ୩୬ଟି ୱାର୍ଡ଼ ମଝିରେ ବିଜୟନଗର ଗାଁରେ ଏକ ରାଇସ୍ ମିଲ୍‌କୁ ଅନୁମତି ଦେଇଛି। ଏଥିପାଇଁ ବିଦ୍ୟୁତ୍ ବିଭାଗ ୩୩କେଭି ବିଦ୍ୟୁତ୍ ଲାଇନ୍ ସଂଯୋଗ ବି ଦେଇଛି। କେବଳ ମିଲ୍ ପାଇଁ ଅନୁମତି ମିଳିଛି ତାହାନୁହେଁ ହଜାର ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ସହିତ ସେଥିରୁ ଚାଉଳ କରି ଯୋଗାଣ ବିଭାଗକୁ ଯୋଗାଇବା ପାଇଁ ଅନୁମତି ଦିଆଯାଇଛି। ଫଳରେ ପ୍ରତିବର୍ଷ ଏହି ବିପୁଳ ପରିମାଣର ଧାନ କ୍ରୟ କରି ନିଜର ଗୋଦାମରେ ମିଲର ଜଣକ ଗଚ୍ଛିତ କରି ରଖିଛନ୍ତି। ଅନ୍ୟପଟରେ ଗାଁ ଭିତରେ କେହି ଧାନ କଳଟିଏ ବସାଇଲେ ତାକୁ ପ୍ରଦ୍ୟୁଷଣ ନିୟନ୍ତ୍ରଣବୋର୍ଡ଼ର ଅଧିକାରୀ ଆସି ହଲାପଟା କରୁଛନ୍ତି। ଏପରିକି ସେମାନଙ୍କୁ ସନ୍ତୁଷ୍ଟ କରିନପାରିଲେ ଧାନକଳଟିକୁ ଉଠାଇ ଦିଆଯାଉଥିବାର ନଜିର ରହିଛି। ହେଲେ ଘରକୁ ଘର ଲାଗିରଥିବା ବିଜୟନଗର ଗାଁ ଭିତରେ ଏଡ଼େ ବଡ଼ ରାଇସ୍ ମିଲ୍‌କୁ ଅନୁମତି ଦେଇ ଚୁପ୍ ହୋଇ ବସିଯାଇଛି। ସାଧାରଣତଃ ଗାଁ ଠାରୁ ସର୍ବନିମ୍ନ ୫ଶହ ମିଟର ମଧ୍ୟରେ କୌଣସି ରାଇସ୍ ମିଲ୍‌କୁ ଅନୁମତି ମିଳିନଥାଏ। ଗାଁ ମଝିରେ ରାଇସ୍ ମିଲ୍ ଚାଲିବା ଫଳରେ ସମଗ୍ର ଗ୍ରାମଟି ପ୍ରଦ୍ୟୁଷିତ ହେଉଛି। ସେହିପରି ଶତାଧିକ ସଂଖ୍ୟାରେ ଗାଡ଼ିଘୋଡ଼ା ଗାଁ ରାସ୍ତାରେ ଏହି ମିଲ୍‌କୁ ଯାତାୟତ କରିବା ଦ୍ୱାରା ସାଧାରଣ ଲୋକଙ୍କ ଚଳାଚଳ ବ୍ୟାହତ ହେଉଛି। ବିଶେଷ କରି ବୃଦ୍ଧ ବୃଦ୍ଧା, ରୋଗୀ ଓ ଶିଶୁମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ତେବେ ସବୁଠାରୁ ବଡ଼ କଥା ହେଲା ଅଗ୍ନିଶମ ବିଭାଗ ଆବଶ୍ୟକ ଅଗ୍ନି ସୁରକ୍ଷା ବିନା ଏହି ମିଲ୍ କୁ ଅଣଦେଖା କରି ଚାଲିଛି। ଯଦି କୌଣସି ପରିସ୍ଥିତିରେ ଏହି ମିଲ୍‌ରେ ଅଗ୍ନି ବିପତ୍ତି ଦେଖା ଦିଏ ତେବେ ପରିସ୍ଥିତି ସଂପୂର୍ଣ୍ଣ ଯେ ଅଣଆୟତ୍ତ ହୋଇ ପଡ଼ିବ ତାହା ଯେକେହିବି ସ୍ୱୀକାର କରିବେ। କିନ୍ତୁ ସମସ୍ତେ ବେପରୁଆ ହୋଇ ବସିଥିବାବେଳେ ଏଭଳି ସମ୍ଭାବ୍ୟ ଅଘଟଣ ପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଛନ୍ତି।

# ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ: ଜିଲ୍ଲା କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତଳିକା ଦାହ

**କେନ୍ଦ୍ରାପଡ଼ା,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯିବା ପ୍ରତିବାଦରେ ମଙ୍ଗଳବାର କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡରେ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଛି। ଜିଲ୍ଲା କଂଗ୍ରେସ କିଷାନ ସେଲ ସଭାପତି ଜୟଦେବ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥି ଜେନା, ସନ୍ତୋଷ କୁମାର ବେହୁରା, ବିଧୁଭୂଷଣ ମହାପାତ୍ର, ଦିଲ୍ଲିପ ପ୍ରଧାନ, ହିମାଂଶୁଭୂଷଣ ନନ୍ଦ, ଗୌରାଙ୍ଗ ଖଟୁଆ, ବିଜୟ ମଲିକ, ରଶ୍ମୀରଞ୍ଜନ ଚୌଧୁରୀ, ପ୍ରଭାତ ରାଉତ, ରଞ୍ଜନ ରାଉତ, ନାରାୟଣ ରାଉତ, ପ୍ରଦିପ ରାଉତ, ଉମେଶ ପାତ୍ରୀ ପ୍ରମୁଖ ଯୋଗଦେଇ ବିଜେପି ସରକାରର କୃଷକମାରଣ ନୀତିକୁ ସମାଲୋଚନା କରିବା ସହିତ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କୁଶପୁତଳିକା ଦାହ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### କପି କଲେ ୫...

ସ୍ମାର୍ଟ ୱାଚ ନେଇପାରିବେ ନାହିଁ। ନୂତନ ଆଇନ ଅନୁଯାୟୀ କଠୋର ଦଣ୍ଡ ବ୍ୟବସ୍ଥା ରଖାଯାଇଛି। ନୂଆ ପରୀକ୍ଷା ଆଇନ ୨୦୨୪ ଅନୁଯାୟୀ, କପି କରି ଦୋଷୀ ପ୍ରମାଣିତ ହେଲେ ୫ ବର୍ଷ ଜେଲ ଏବଂ ୧୦ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏହା ସହ ପରୀକ୍ଷାର୍ଥୀଙ୍କୁ କ୍ୟାରିଅରରୁ ବ୍ୟାନ କରାଯାଇପାରେ। ପରୀକ୍ଷାର୍ଥୀଙ୍କ ଲାଗି ହେଲପଲାଇନ ନମ୍ବର ଜାରି ହୋଇଛି। ପରୀକ୍ଷାର୍ଥୀଙ୍କ ମାନସିକ ଚାପ ଦୂର କରିବା ଏବଂ କୌଣସି ଅଭିଯୋଗ ପାଇଁ ସ୍ୱତନ୍ତ୍ର ହେଲପ ଲାଇନ ନମ୍ବର ଜାରି କରାଯାଇଛି। ଫର୍ମ ପୂରଣ ଠାରୁ ଆରମ୍ଭ କରି ପ୍ରାକ୍ଟିକାଲ ମାର୍କ ଅପଲୋଡ଼ ପର୍ଯ୍ୟନ୍ତ ସବୁକିଛି ଅନଲାଇନ ଜରିଆରେ ହେବ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହଠାତ ଯାଂଚ କରିବା ପାଇଁ ଜିଲ୍ଲା ସ୍ତରୀରେ ବିଭିନ୍ନ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ଅତି କମରେ ୩୦ରୁ ୪୫ ମିନିଟ ପୂର୍ବରୁ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଶେଷ ହେବା ମାତ୍ରେ ଉତ୍ତରଖାତାଗୁଡ଼ିକୁ ସୁରକ୍ଷିତ ଭାବେ ସଂଗ୍ରହ କରାଯାଇ ରଖାଯିବ। ମାର୍ଚ୍ଚ ପ୍ରଥମ ସପ୍ତାହରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ରାତି ୧୦ଟାରେ...

ବେଳେ ଅଧିକ ସଂଖ୍ୟକ ସେବାୟତଙ୍କ ଉପସ୍ଥିତିକୁ ବାରଣ କରାଯାଇଛି। କେବଳ ଆବଶ୍ୟକତା ଅନୁଯାୟୀ ସେବାୟତ ଉପସ୍ଥିତ ରହିବେ। ନିର୍ଦ୍ଧାରିତ ରାତ୍ର୧୦ଟା ରେ ଉଠିବ ମହାଦୀପ। ତାପରେ ମହାପ୍ରଭୁଙ୍କ ଇଚ୍ଛା। ଯିଏ ଯାହା ଷଡ଼ଯନ୍ତ୍ର କଲେ ବି ପ୍ରଭୁ ତାର ନିଷ୍ପତି ନେବେ ବୋଲି କହିଛନ୍ତି ବୋଲି କହିଛନ୍ତି ବିଧାୟକ ବାବୁ ସିଂ। ସବୁ ସୁରୁଖୁରୁରେ ହେବା ପାଇଁ ହୋଇଛି ଆଲୋଚନା।

### ଧାନ କିଣାରୁ ମୁନାଫା...

ନୁହେଁ ସାରା ଜିଲ୍ଲାର ଅଧିକାଂଶ ସ୍ଥାନରେ ଚାଲିଛି। କାଦୁଅ ଫିଙ୍ଗା ଫିଙ୍ଗି ହେଉଥିବା ଶାସକ ଓ ବିରୋଧି ଉଭୟ ଏଥିପାଇଁ ଦାୟୀ। କାରଣ ଆଜି ଯେଉଁମାନେ ବିରୋଧିରେ ଅଛନ୍ତି ସେମାନେ ଶାସନରେ ଥିବା ବେଳେ ଏହି ମୁନାଫାଯୁକ୍ତ ବ୍ୟବସ୍ଥାର ପ୍ରଚଳନ କରିଥିବାରୁ ଏବେ ଶାସନରେ ଥିବା ଶାସକ ବର୍ଗ ଏହାକୁ ହାତଛଡ଼ା କରିବାକୁ ଚାହୁଁ ନାହାଁନ୍ତି। ଯାହା ଚାଷୀଙ୍କ ଦୁର୍ଦ୍ଦଶାର କାରଣ ହୋଇଛି ବୋଲି ଅଭିଯୋଗ କରାଯାଇଛି। ତେବେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଅଭିଯୋଗକୁ ଏଡ଼ାଇ ଦିଆଯାଇଛି।

### ହାତୀ ଦଳିଦେଲା...

ଆକ୍ରମଣରେ ତିନି ଜଣ ମହିଳାଙ୍କର ମୃତ୍ୟୁ ହୋଇଥିବା ଆଉ ତିନି ଜଣ ଗୁରୁତର ହୋଇଛନ୍ତି। ସମସ୍ତ ମୃତାହତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ମହିଳାମାନେ ହେଲେ ଇନ୍ଦୁମତି ପ୍ରଧାନ, କୁନ୍ତଳା ପ୍ରଧାନ, ଟୁନି ଦେହୁରୀ। ସମସ୍ତ ମୃତାହତ ଢେଙ୍କାନାଳ ଜିଲ୍ଲା ସଦର ଥାନା ଲୋଚାପଲ୍ଲୀ ଗାଁର ବୋଲି ଜଣାପଡିଛି। ବାକି ବର୍ତ୍ତମାନ ସୁଦ୍ଧା ଗୁରୁତର ଥିବା ମହିଳାଙ୍କ ପରିଚୟ ମିଳିନାହିଁ। ଅନ୍ୟପଟେ ପୋଲିସ ଏବଂ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବିଦେଶୀ ମଦ ଜବତ...

ସବଇନ୍ସପେକ୍ଟର ଏସ ଡୁଙ୍ଗଡଙ୍ଗ, ହାବିଲଦାର ଜେ ମହାଳି ଚୋରା ମଦ ସହ ପ୍ରଦୀପଙ୍କୁ ଧରି ଥାନାକୁ ନେଇଥିଲେ। ୪୭ ବୋତଲ ମାକଡୋଲ ନଂ-୧ ବିଦେଶୀ ମଦ ଜବତ କରିଥିଲେ। ତା ନାମରେ ମାମଲା ରୁଜୁ କରି ଥାନାରୁ ଜାମିନୀରେ ଛାଡି ଦେଇଥିଲେ।

# ଡିପଫେକ୍-ଏଆଇ କଣ୍ଟେଣ୍ଟକୁ ନେଇ ୨୦ରୁ ନୂଆ ନିୟମ

**ନୂଆଦିଲ୍ଲୀ,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ନକଲି ଏବଂ ଭ୍ରମାତ୍ମକ ବିଷୟବସ୍ତୁକୁ ରୋକିବା ପାଇଁ କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ନୀତିଶାସ୍ତ୍ର କୋଡ୍) ନିୟମ, ୨୦୨୧ରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ନୂତନ ସଂଶୋଧନଗୁଡ଼ିକ ଫେବୃଆରୀ ୨୦ରୁ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନଗୁଡ଼ିକ ଡିପଫେକ୍ ଏବଂ ଏଆଇ-ଜାତ ବିଷୟବସ୍ତୁ ସମ୍ପର୍କରେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ଦାୟିତ୍ୱକୁ ଯଥେଷ୍ଟ ବୃଦ୍ଧି କରେ।




ସରକାର ଏବେ "କୃତ୍ରିମ ଭାବରେ ସୃଷ୍ଟି ହୋଇଥିବା ସୂଚନା"କୁ ସ୍ପଷ୍ଟ ଭାବରେ ପରିଭାଷିତ କରି ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯାହାର ଅର୍ଥ ଅଡିଓ, ଭିଡିଓ, ଫଟୋ କିମ୍ବା କୃତ୍ରିମ ଭାବରେ କିମ୍ବା ଆଲଗୋରିଦମ ଭାବରେ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ସାମଗ୍ରୀ। ଏହି ପ୍ରକାରର ବିଷୟବସ୍ତୁରେ ଏପରି ବିଷୟବସ୍ତୁ ଅନ୍ତର୍ଭୁକ୍ତ ଯାହା ବାସ୍ତବବାଦୀ ଦେଖାଯାଏ ଏବଂ ଜଣେ ବ୍ୟକ୍ତି କିମ୍ବା ଘଟଣାକୁ ଏପରି ଭାବରେ ଉପସ୍ଥାପନ କରେ ଯାହାକୁ ବାସ୍ତବ ଭାବରେ ଗ୍ରହଣ କରାଯାଇପାରିବ।

ତଥାପି, ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ସମ୍ପାଦନା, ରଙ୍ଗ ସଂଶୋଧନ, ବୈଷୟିକ ସଂଶୋଧନ, ଅନୁବାଦ କିମ୍ବା ଡକ୍ୟୁମେଣ୍ଟ ପ୍ରସ୍ତୁତି ଭଳି କାର୍ଯ୍ୟକଳାପକୁ କୃତ୍ରିମ ବିଷୟବସ୍ତୁ ଭାବରେ ବିବେଚନା କରାଯିବ ନାହିଁ। ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସୋସିଆଲ ମିଡିଆ ପ୍ଲାଟଫର୍ମ ବେଆଇନ କିମ୍ବା ଭ୍ରମାତ୍ମକ ଏଆଇ ବିଷୟବସ୍ତୁ ବିଷୟରେ ଜାଣିପାରେ, ତେବେ ଏହାକୁ ତିନି ଘଣ୍ଟା ମଧ୍ୟରେ ହଟାଇବା ଆବଶ୍ୟକ। ପୂର୍ବରୁ, ଏଥିପାଇଁ ସମୟ ସୀମା ୩୬ ଘଣ୍ଟା ଥିଲା। ଏହା ବ୍ୟତୀତ, ଆଇନ ଏବଂ ଶୃଙ୍ଖଳା ସମ୍ପର୍କିତ ସୂଚନା କେବଳ ଡିଆଇଜି କିମ୍ବା ତା'ଠାରୁ ଅଧିକ ପଦର ଅଧିକାରୀମାନେ ପ୍ରଦାନ କରିପାରିବେ।

ସରକାର ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ପ୍ରତି ତିନି ମାସରେ ନିୟମ ଏବଂ ନିୟମାବଳୀ ବିଷୟରେ ଉପଭୋକ୍ତାମାନଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଏହା ମଧ୍ୟ ଉପଭୋକ୍ତାମାନଙ୍କୁ ଜଣାଇବାକୁ ପଡିବ ଯେ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା ଅବୈଧ କିମ୍ବା ଆପତ୍ତିଜନକ ବିଷୟବସ୍ତୁ ସେୟାର କରିବା ଦ୍ୱାରା ଆଇଟି ଆଇନ, ଭାରତୀୟ ଦଣ୍ଡ ସଂହିତା ୨୦୨୩, ପୋକ୍‌ସୋ ଆଇନ, ଜନପ୍ରତିନିଧିତ୍ୱ ଆଇନ ଏବଂ ମହିଳାମାନଙ୍କ ଅଶୋଭନୀୟ ପ୍ରତିନିଧିତ୍ୱ ଭଳି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରେ। ନୂତନ ନିୟମ ଅନୁଯାୟୀ, ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏଆଇ-ଜେନେରେଟେଡ୍ ବିଷୟବସ୍ତୁ ଚିହ୍ନଟ କରିବା ପାଇଁ ବୈଷୟିକ ଉପକରଣ ନିୟୋଜିତ କରିବାକୁ ପଡିବ, ଏପରି ବିଷୟବସ୍ତୁକୁ ସ୍ପଷ୍ଟ ଭାବରେ ଲେବଲ୍ କରିବାକୁ ପଡିବ ଏବଂ ଏକ ସ୍ଥାୟୀ ଡିଜିଟାଲ୍ ପରିଚୟ କିମ୍ବା ମେଟାଡାଟା ଯୋଡ଼ିବାକୁ ପଡିବ, ଯାହାକୁ ଅପସାରିତ କରାଯାଇପାରିବ ନାହିଁ।

# ନିଜ ବାହାଘର ଲାଗି କାଟୁଥିଲେ ଜାମୁ ଡାଳ: କରେଣ୍ଟ ଲାଗି ଚାଲିଗଲା ଜୀବନ

**ରାଜଗାଙ୍ଗପୁର,୧୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ବିବାହ ବେଦିରେ ବସିଥାନ୍ତେ, ମାତ୍ର ନିଜ ବାହାଘର ମଣ୍ଡପ ପାଇଁ ଜାମୁ ଗଛରେ ଚଢି ଡାଳ କାଟିବା ବେଳେ ୩୩କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ମୃତ ଯୁବକ ଜଣକ ହେଲେ ଲାଞ୍ଜିବେର୍ଣା ଖେରାମୁତା ଗ୍ରାମର ବିନୋଦ ମାଝୀ। ଆସନ୍ତାକାଲି ବିନୋଦର ବାହାଘର ଦିନ ଧାର୍ଯ୍ୟ ହୋଇଥିଲା। ବନ୍ଧୁବାନ୍ଧବ, ସମ୍ପର୍କୀୟ ସମସ୍ତେ ଆସି ସାରିଥିଲେ। ପରମ୍ପରା ଅନୁଯାଇ ବାହାଘର ପାଇଁ ଯେଉଁ ମଣ୍ଡପ ତିଆରି ହୁଏ, ତା ଉପରେ ଜାମୁ ଡାଳ ଦିଆଯାଏ। ଜାମୁ ଡାଳ ପାଇଁ ନିକଟ ଗ୍ରାମ ଧାରୁଆଅଡାରେ ଥିବା ଏକ ବିରାଟ ଜାମୁ ଗଛରେ ଡାଳ କାଟିବାକୁ ଚଢ଼ିଥିଲେ।

ଡାଳ କାଟିବା ପାଇଁ ଯେଉଁ ଜାମୁ ଗଛରେ ଚଢିଥିଲେ, ତା'ଉପର ଦେଇ ୩୩ କେଭି ବିଦ୍ୟୁତ ତାର ଯାଇଛି। ଗଛର ଉପର ଡାଳରେ ସେହି ତାର ଲାଗି ଯିବାରୁ ଗଛରେ ବିଦ୍ୟୁତ ପ୍ରବାହିତ ହୋଇଥିଲା। ବିନୋଦ ଡାଳ କାଟିବା ପାଇଁ ଗଛରେ ଚଢିଥିଲା ମାତ୍ର ଡାଳ କାଟିବା ପୂର୍ବରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗଛ ଡାଳରେ ହିଁ ଲାଖି ରହି ଯାଇଥିଲା।

ଘଟଣା ଜାଣିବା ପରେ ପୁଲିସ ଓ ଅଗ୍ନିଶ୍ରମ ବିଭାଗ ପହଞ୍ଚିବା ପରେ ଗ୍ରାମବାସୀ କହିଛନ୍ତି ଯେ ଗଛ ଡାଳଗୁଡିକ କାଟୁ ନାହାନ୍ତି, ଫଳରେ ଏପରି ଦୁର୍ଘଟଣା ଘଟୁଛି। ତେଣୁ କ୍ଷତିପୂରଣ ଦାବି କରି ମୃତକଙ୍କ ପରିଜନ ଓ ଗ୍ରାମବାସୀ ମୃତଦେହ ଜଗି ବସିଥିଲେ। ବୁଝାସୁଝା ପରେ ମୃତ ଦେହକୁ ଅଗ୍ନିଶ୍ରମ ବିଭାଗ ସହାୟତରେ ଉଦ୍ଧାର କରାଯାଇଥିଲା। ଘଟଣା ସ୍ଥଳରେ ପୁଲିସ ଓ ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ